**ସଂକ୍ଷେପରେ**



ପାରାଦୀପର ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ଅଞ୍ଚଳରେ ମରି ପଡ଼ିଥିବା ଏକ ହରିଣ।

## ମରଣାନ୍ତକ ଆକ୍ରମଣ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

**ଆଠଗଡ,୨୬।୬(ସ୍ୱ.ପ୍ର.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଗୋବରା ଗ୍ରାମରେ ଗତ ୨୦୧୫ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାର ବୁଧବାର ଶୁଣାଣି ହୋଇଛି। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୋଗର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ବର୍ଷ ୬ମାସ କାରାଦଣ୍ଡାଦେଶ ସହ ୩ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୯ ଏପ୍ରିଲ ୨୦୧୫ରେ ଗୋବରା ଗୋଡିସାହିର କୃଷ୍ଣ ଦେହୁରୀ କାମ ସାରି ଘରକୁ ଫେରୁଥିଲେ।

ସେହି ସମୟରେ ସେହି ଗ୍ରାମର ଶରତ ଦେହୁରୀ, ଶିବ ଦେହୁରୀ, ଅଜୟ ଦେହୁରୀ ପ୍ରମୁଖ କୃଷ୍ଣଙ୍କ ଘର ଆଗରେ ଗାଳି ଗୁଲଜ କରୁଥିଲେ। କୃଷ୍ଣ ଓ ତାଙ୍କ ଭାଇ ବିଷ୍ଣୁ କାହାକୁ ଗାଳି ଗୁଲଜକରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶରତ ଏକ ଫାର୍ସାରେ କୃଷ୍ଣ ଓ ବିଷ୍ଣୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ କୃଷ୍ଣଙ୍କ ପକ୍ଷରୁ ଗୁରୁଡିଝାଟିଆ ଥାନାରେ ମାମଲା ଦାୟାର କରାଯାଇଥିଲା। ଗୁରୁଡିଝାଟିଆ ପୋଲିସ ଏନେଇ ମାମଲା (ନଂ-୧୭୮/୧୫)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ ଏସ.ଡି.ଜେ.ଏମ୍ କୋର୍ଟକୁ ଚାଲାଣ କରିଥିଲେ। ଏହି ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧିନ ରହିଥିଲା । ବିଚାର ପ୍ରକ୍ରିୟା ଜାରି ରହିଥିବା ବେଳେ ଅଭିଯୁକ୍ତ ଶରତ ଜମାନବନ୍ଦୀ ସମୟରେ ଅନୁପସ୍ଥିତ ଥିବାରୁ ତାଙ୍କ ନାମରେ ଜାମିନି ବିହିନ ଗିରଫ ପରୱାନା ଜାରି କରାଯାଇଥିଲା। ୧୭ ଜୁନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଥିଲା। ବୁଧବାର ଏହି ଅଭିଯୋଗରେ ଶରତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡାଦେଶ ଦିଆଯାଇଛି। ଜୋରିମନା ଅନାଦେୟ ଅଧିକ ୬ମାସ କାରାଦଣ୍ଡାଦେଶ ହୋଇଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଞ୍ଜନ କୁମାର ନାୟକ ଓ ଅଭିଯୁକ୍ତଙ୍କ ପକ୍ଷରୁ ଗୋପ ରଞ୍ଜନ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## କାଠ ବୋଝେଇ ଟ୍ରକ୍ ଜବତ

**ଆଠଗଡ,୨୬।୬(ସ୍ୱ.ପ୍ର.):** ଆଠଗଡ ବନବିଭାଗ ପକ୍ଷରୁ ବୁଧବାର ସକାଳୁ ସ୍ଥାନୀୟ କନ୍ଦରପୁରଠାରେ ଏକ କାଠ ବୋଝେଇ ଟ୍ରକ ଜବତ କରାଯାଇଛି। କନ୍ଦରପୁର ସୁରକ୍ଷିତ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ୟୁକାଲିପଟାସ କାଠ କଟାଯାଇ ମଙ୍ଗଳବାର ରାତିରେ ଟ୍ରକ (ନଂ-ଓ.ଆର.୦୨.ପି) ଯୋଗେ ଚାଲାଣ ହେଉଥିଲା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ବନବିଭାଗରେ ଖବର ଦିଆଯାଇଥିଲା। ସଦର ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ସଦଳବଳେ ପହଞ୍ଚି ଗାଡିକୁ ଜବତ କରିଥିଲେ। ଏହି ଘଟଣାରେ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

■ ଖବରଦାତାଙ୍କ ସହ ନୂଆ ଜିଲାପାଳଙ୍କ ସୌଜନ୍ୟମୂଳକ ଆଲୋଚନା

# ତହସିଲ, ବ୍ଲକ, ଆର୍‌ଟିଓ କାର୍ଯ୍ୟାଳୟରେ ରହିବ ମତାମତ ବାକ୍ସ

**ଜଗତ୍‌ସିଂହପୁର ଅଫିସ,୨୬।୬**

ଏଣିକି ଜଗତ୍‌ସିଂହପୁର ଜିଲାର ସମସ୍ତ ତହସିଲ, ବ୍ଲକ ଓ ଆର୍‌ଟିଓ କାର୍ଯ୍ୟାଳୟରେ ରହିବ ମତାମତ ବାକ୍ସ। ଫଳରେ ଏହି କାର୍ଯ୍ୟାଳୟକୁ ଯାଉଥିବା ଲୋକେ ଠିକ ଭାବେ ସେବା ପାଇଲେ କି ନାହିଁ ସେ ସମ୍ପର୍କରେ ମତାମତ ଲେଖି ବାକ୍ସରେ ପକାଇବେ। ଫର୍ମ ଦେବାନେବା ଦାୟିତ୍ୱରେ ଜଣେ କର୍ମଚାରୀ ନିୟୋଜିତ ରହିବେ। ପ୍ରତି ୧୫ ଦିନ କିମ୍ବା ୧ ମାସରେ ଏହି ବାକ୍ସ ଖୋଲାଯିବ। ତାହା ଯେ କେହି ଖୋଲିପାରିବେ ନାହିଁ। ସେ କିମ୍ବା ତାଙ୍କ ନିର୍ଦ୍ଦେଶରେ କୌଣସି ଅଧିକାରୀ ଏହା ଖୋଲିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ନୂଆକରି ଯୋଗ ଦେଇଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ସେ କହିଛନ୍ତି, ମଧ୍ୟପ୍ରଦେଶ ସରକାର ସେ ରାଜ୍ୟରେ ମତାମତ ବ୍ୟବସ୍ଥା କରିଛନ୍ତି। ତେଣୁ ଜଗତ୍‌ସିଂହପୁର ଜିଲାରେ ଏହା ପ୍ରଚଳନ ହେଲାପରେ ଲୋକେ ସୁଦୂର ପ୍ରସାରି ଫଳ ପାଇବେ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଖବରଦାତାଙ୍କ ସହ ସୌଜନ୍ୟମୂଳକ ଆଲୋଚନା ଅବସରରେ ଜିଲାପାଳ ଏହା କହିଛନ୍ତି। କେବଳ ଏତିକି ନୁହେଁ ରେସିଡେଣ୍ଟ (ଘର), କାଷ୍ଟ (ଜାତି) ଓ ଲିଗାଲ ହେୟାର (ଉତ୍ତରାଧିକାରୀ) ସାର୍ଟିଫିକେଟ୍ ପାଇବା ପାଇଁ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାପାଳ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ଜୁଲାଇ ୧୫ ତାରିଖ ସୁଦ୍ଧା ସବୁଗୁଡିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ତହସିଲଦାର, ଅତିରିକ୍ତ ତହସିଲଦାର କିମ୍ବା ଅନ୍ୟ କର୍ମଚାରୀ ସମାଧାନ ନ କରି ପାଖରେ ରଖନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନୁରୂପ ଭାବେ ଜମିଜମା ସଂକ୍ରାନ୍ତ ଅର୍ଥାତ ମ୍ୟୁଟେସନ୍ ଆଦି ମାମଲା ୪/୫ ବର୍ଷ ଯାଏ ପାଖରେ ରଖିଲେ ହେବ ନାହିଁ। ତୁରନ୍ତ ସେଗୁଡିକୁ ଫଇସଲା କର ନ ଚେତ ତ୍ରୁଟି ଥିଲେ ବରଖାସ୍ତ କରିବାକୁ ପଡିବ। ଏହା ହେଲେ ରାଜସ୍ୱ ବିଭାଗର ଗୁଣାତ୍ମକ ବୃଦ୍ଧି ଘଟିବ ବୋଲି ଜିଲାପାଳ କହିଥିଲେ। ନିଜ କଥା ଉଠାଇ ଜିଲାପାଳ କହିଥିଲେ ସେ ଯାହା କୁହନ୍ତି ତାହା କରନ୍ତି। ତେଣୁ ଅଫିସରମାନେ ମଧ ତାହା କରିବା ଉଚିତ। ୩ୟ ବାଟରେ ନ ଯିବା ପାଇଁ ସେ ଅଧିକାରୀଙ୍କୁ କହିଛନ୍ତି।



ଆଲୋଚନାରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ଅଧିକାରୀମାନେ ତାଙ୍କ ବାଟରେ ହେଉ ନ ଚେତ ଉପର ବାଟରେ ଯିବାକୁ ପରାମର୍ଶ ଦେଇଛନ୍ତି। ସବୁଠାରୁ ବଡ କଥା ହେଲା ଅଧିକାରୀମାନେ ସେମାନଙ୍କ ଶ୍ରମଠାରୁ ଅଧିକ ୩୦% ଶ୍ରମ ଦେବାକୁ ପଡିବ। ଏଥିରେ ଅନେକ ଅଫିସର ରାଜି ହୋଇ ଅଧିକ ସମୟ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜିଲାପାଳ କହିଥିଲେ। ଯେହେତୁ ସେ ଜିଲାର ପୁଅ ତେଣୁ ତାଙ୍କ ପାଇଁ ଅଧିକାରୀମାନେ ଏଭଳି କରିବେ ବୋଲି ଆଶାବାଦୀ ଅଛନ୍ତି। ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅତର୍କିତ ପରିଦର୍ଶନ(ସରପ୍ରାଇଜ୍ ଭିଜିଟ୍) କରିବେ। ଅନ୍ୟ ଅଧିକାରୀମାନେ ମଧ୍ୟ ଅନୁରୂପ କରିବେ। ଜିଲାପାଳ ଯଦି ବାସଗୃହ ଭିତରେ ସୀମିତ ରହିବେ ତେବେ ଜିଲାର ଉନ୍ନତି ଏହି ପାଚେରି ଭିତରେ ରହିଯିବ ବୋଲି ମତ ରଖିଥିଲେ। ତେଣୁ ଜିଲା ପ୍ରଶାସନ ଡୋର ଷ୍ଟେପ୍‌ରେ ପହଞ୍ଚିବା ଆବଶ୍ୟକ।

ଜିଲାରେ ବୈଷୟିକ ଜ୍ଞାନର ସର୍ବାଧିକ ବ୍ୟବହାର ହେଉନି। ଯଦି ଜିଲାପାଳଙ୍କ ପାଖକୁ ୧୦ ଜଣ ବିଭିନ୍ନ ଅଭିଯୋଗ ନେଇ ପହଞ୍ଚିଥାନ୍ତି ଏବଂ ଜିଲାପାଳଙ୍କଠାରୁ ଏହି ଫାଇଲ ଚାଲିଯାଏ ତେବେ କୁଆଡେ ଗଲା ପରବର୍ତ୍ତୀ ସମୟରେ ତାହା ଚିହ୍ନଟ କରି ହେଉନାହିଁ। ତେଣୁ ଏଥିରେ ବ୍ୟାପକ ପରିବର୍ତ୍ତନ କରାଯିବ। ଏହିଭଳି ଜିଲାରେ ଅନେକ ସମସ୍ୟା ରହିଛି। ଦୀର୍ଘ ବର୍ଷର ଏହିସବୁ ସମସ୍ୟାର ସମାଧାନ ରାତାରାତି ହୋଇପାରିବ ନାହିଁ। ତଥାପି ଯଥା ସମ୍ଭବ ଚେଷ୍ଟା ହେବ। ଜିଲା ମୁଖ୍ୟାଳୟରେ ଏକ ଭଲ ଷ୍ଟାଡିୟମ ନାହିଁ। କ୍ରୀଡାର ଉନ୍ନତି କିପରି ହେବ ବୋଲି ସେ ପ୍ରଶ୍ନ କରିବା ସହ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ପରିମଳ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିବା ପାଇଁ ଚେଷ୍ଟା ହେବ। ଜିଲାରେ ଯେଉଁଭଳି ସିଥିଳତା ସୃଷ୍ଟି ହୋଇଛି ତାକୁ କ୍ରିୟାଶୀଳ କରାଯିବ ବୋଲି ଜିଲାପାଳ କହିଥିଲେ। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

■ ଜବରଦଖଲରେ କଲ୍ୟାଣ ମଣ୍ଡପ ଜମି, ନିର୍ମାଣ କାର୍ଯ୍ୟ ବିଳମ୍ବ

# ଅଭିଯୋଗ ପରେ ବି ଉଚ୍ଛେଦ ହୋଇପାରୁନି

**ତିର୍ତ୍ତୋଲ,୨୬।୬(ଡି.ଏନ.ଏ.)**

**ଜବରଦଖଲକାରୀଙ୍କୁ ନୋଟିସ ପଠାଇଲେ ସରପଞ୍ଚ, ରାଜସ୍ୱ ନିରୀକ୍ଷକ**

ଆମ ଗାଁ, ଆମ ବିକାଶ ଯୋଜନାରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ କୋଟକଣା ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି କଲ୍ୟାଣ ମଣ୍ଡପ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଜମିର କିଛି ଅଂଶ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲରେ ରଖିଛନ୍ତି। ଏହି ଜବରଦଖଲ କାରଣକୁ ନେଇ କଲ୍ୟାଣ ମଣ୍ଡପ ନିର୍ମାଣ ବିଳମ୍ବ ହେଉଥିବା ଜଣାଯାଇଛି। ଗ୍ରାମର ସତ୍ୟନାରାୟଣ ମନ୍ଦିର ନିକଟରେ ଥିବା ଏହି ଜମି କଲ୍ୟାଣମଣ୍ଡପ ନିର୍ମାଣ ନିମନ୍ତେ ଉପଯୁକ୍ତ ହୋଇଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ ଚିହ୍ନଟ କରାଯାଇଥିଲା। କଲ୍ୟାଣ ମଣ୍ଡପ ପାଇଁ ସ୍ଥିରିକୃତ ହୋଇଥିବା ପ୍ଲଟର କିଛି ଅଂଶକୁ ଏହି ପ୍ଲଟ ସଂଲଗ୍ନ ଜଣେ ବ୍ୟକ୍ତି ନିଜ ପ୍ଲଟ ସହ ମିଶାଇ ନିଜର କାଠ, ଛଣ ଆଦି ଜମା କରି ଏହାକୁ ଜବରଦଖଲରେ ରଖିଛନ୍ତି। ତାଙ୍କୁ ଗ୍ରାମବାସୀ ବାରମ୍ବାର ଜବରଦଖଲ ହଟାଇବାକୁ କହୁଥିଲେ ମଧ ସେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଏକାଧିକବାର ଉଦ୍ୟମ ପରେ ମଧ୍ୟ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉପାରୁ ନ ଥିବାରୁ ଏଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ତିର୍ତ୍ତୋଲ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାର ପ୍ରଶାସନିକସ୍ତରରେ ଉଦ୍ୟମ କରିବାକୁ ନିବେଦନ କରାଯାଇଛି। ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ଅଭିଯୋଗ ପରେ ତିର୍ତ୍ତୋଲ ତହସିଲଦାର ସୁଜାତା ପାତ୍ରଙ୍କ ନିର୍ଦ୍ଦେଶରେ ସେହି ସ୍ଥାନର ମାପ ଚୁପ କରାଯାଇଥିଲା। ମାପ ଚୁପ ପରେ ଜବରଦଖଲ ଜାଗାରୁ ସମ୍ପୃକ୍ତ ବ୍ୟକ୍ତି ଜମାକରିଥିବା କାଠ, ଛଣ ଇତ୍ୟାଦି ସାମଗ୍ରୀ ଉଠାଇ ନ ଥିଲେ। ଏବେ କଲ୍ୟାଣ ମଣ୍ଡପ ନିମନ୍ତେ କାର୍ଯ୍ୟ କରାଯିବାକୁ ଉଦ୍ୟମ ହେବାରୁ ବ୍ୟକ୍ତି ଜଣକ ପୁଣି ସେହି ସ୍ଥାନକୁ ଅବରୋଧ କରି ଜବରଦଖଲରେ ରଖିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀଙ୍କ ତରଫରୁ ତହସିଲଦାଙ୍କୁ ଅଭିଯୋଗ ପରେ ପୁଣି ଜବରଦଖଲ ଉଚ୍ଛେଦ ଉଦ୍ୟମ ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ବସନ୍ତ କୁମାର ସେଠୀ ଓ ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜବରଦଖଲ ସ୍ଥାନରୁ ସାମଗ୍ରୀ ହଟାଇ ନେବାକୁ ନୋଟିସ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ସେହି ସ୍ଥାନରୁ କେବେ ଜବରଦଖଲ ହଟୁଛି।

# ରିଫାଇନେରି ପଲିପ୍ରପୋଲିନ ୟୁନିଟ୍‌ରେ ମକ୍‌ଡ୍ରିଲ

**ପାରାଦୀପ,୨୬।୬(ସ୍ୱ.ପ୍ର.)**

ପାରାଦୀପ ରିଫାଇନେରି ପଲିପ୍ରପୋଲିନ୍ ୟୁନିଟ୍ ପରିସରରେ ବୁଧବାର ଅନ୍‌ସାଇଟ୍ ଡିଜାଷ୍ଟର ମକ୍‌ଡ୍ରିଲ ହୋଇଛି। ଜରୁରୀକାଳୀନ ସମୟ ଓ ଡିଜାଷ୍ଟର ନିୟମ ଅନୁସାରେ ଏହା କରାଯାଇଥିଲା। ବାର୍ଷିକ ମକ୍‌ଡ୍ରିଲର ଅଂଶସ୍ୱରୂପ ଏଥିରେ ବିଭିନ୍ନ ପ୍ରକାର ଅଗ୍ନିକ ନିରାକରଣ ଅଭ୍ୟାସ କରାଯାଏ। କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ର ଅଗ୍ନିକ ଶାଖା, ପିପିଏଲ୍, ଇଫକୋ, ପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ମକ୍‌ଡ୍ରିଲକୁ ରିଫାଇନାରୀର ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍. ଗୋପାଳକୀର୍ତ୍ତି ନିରୀକ୍ଷଣ କରିଥିଲେ।



ପାରାଦୀପ ରିଫାଇନାରୀ ପଲିପ୍ରପୋଲିନ୍ ୟୁନିଟ୍ ପରିସରରେ ବୁଧବାର ଅନ୍‌ସାଇଟ୍ ଡିଜାଷ୍ଟର ମକ୍‌ଡ୍ରିଲ କରାଯାଉଛି।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି, ୨୬।୬ (ସ୍ୱ.ପ୍ର.)–** ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡରେ୨ ବଖରା ଜଳିଯାଇଛି। କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କ ଘରର ସମସ୍ତ ଆସବାବ ପତ୍ର ସମେତ ଖାଦ୍ୟ ଶସ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ଅପରାହ୍ନ ସମୟରେ ହଠାତ୍ ଏହି ଅଗ୍ନିକାଣ୍ଡ ଘଟି ଘରର ଚର୍ତ୍ତୁଃପାର୍ଶ୍ୱକୁ ବ୍ୟାପି ଯାଇଥିବା ବେଳେ ଏହାର କାରଣ ଅସ୍ପଷ୍ଟ ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବିପନ୍ନଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା।


## ପ୍ରେସ୍ ଅଧିସୂଚନା

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ଆର.କେ.ଶର୍ମା, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳପଥ ନିରାପତ୍ତା ଆୟୁକ୍ତ, ଉତ୍ତର ସୀମାନ୍ତ ସର୍କଲ, କଲିକତା ତା 25.06.2019 ରିଖରେ ସିଙ୍ଗାପୁର ରୋଡ୍-ଏ କ୍ୟାବିନ୍ ଏବଂ କେଉଟିଗୁଡ଼ା ମଧ୍ୟରେ କି.ମି. 160/08 ନିକଟରେ 18005 ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଏବଂ ଓଏଚ୍‌ଇ ପାୱାର୍ କାର୍ ସହିତ ହୋଇଥିବା ଧକ୍କା ଏବଂ ଗୋଟିଏ ଏସ୍‌ଏଲ୍‌ଆର୍ ସହିତ ଟ୍ରେନ୍ ର ଇଞ୍ଜିନ୍ ଲାଇନଚ୍ୟୁତ ହେବା ତଥା ଓଏଚ୍‌ଇ କାର୍ ଏବଂ 18005 ଏକ୍ସପ୍ରେସ୍‌ର ଇଞ୍ଜିନ୍ ରେ ଅଗ୍ନିକାଣ୍ଡ ଘଟଣା ସମ୍ବନ୍ଧିତ ତା. 28.06.2019 ରିଖ 1200 ଘଟିକାରେ ଅଧିକାରୀ ବିଶ୍ରାମ ଗୃହ, ପୂର୍ବ ତଟ ରେଳପଥ, ରାୟଗଡ଼ା ରେଳ ଷ୍ଟେସନ ନିକଟରେ ଏକ ବୈଧାନିକ ଅନୁସନ୍ଧାନ କରିବେ। ଏହା ପରେ ଏହି ଅନୁସନ୍ଧାନ ତା 29.06.2019 ରିଖରେ ଇଷ୍ଟ ପଏଣ୍ଟ୍ ରେଷ୍ଟ ହାଉସ୍ (କ୍ଲାସିକ), ବୀଚ୍ ରୋଡ୍, ଚିନ୍ନା ୱାଲ୍ଟିୟର, ବିଶାଖାପାଟଣା, ଆନ୍ଧ୍ର ପ୍ରଦେଶ-530017 ଠାରେ ସକାଳ 10 ଘଟିକା ଠାରୁ ଆରମ୍ଭ ହୋଇ ଶୁଣାଣି ଶେଷ ପର୍ଯ୍ୟନ୍ତ ଚାଲିବ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା ରେଳପଥ ନିରାପତ୍ତା ଆୟୁକ୍ତ, ଉତ୍ତର ସୀମାନ୍ତ ସର୍କଲ, ନିଉ କୋଇଲାଘାଟ ବିଲ୍ଡିଂ, 14 ଷ୍ଟ୍ରାଣ୍ଡ ରୋଡ୍ (12 ମହଲା), କଲିକତା, 700001 କୁ ଲିଖିତ ଭାବରେ ଜଣାଇ ପାରିବେ।

PR-185/K/19-20 ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ୱାଲ୍ଟିୟର

**ପୂର୍ବ ତଟ ରେଳପଥ**



## ଏସ୍.ଇ. ରେଳପଥ ଟେଣ୍ଡର

ଜଉମୁଦଦିଆ ଟେଣ୍ଡର (ଟେଣ୍ଡର ବିଜ୍ଞପ୍ତି ନଂ. ଡିଏଲ୍‌ଏସ୍/ବିଏନ୍‌ଡିଏମ୍/ଏଚ୍‌ଏସ୍‌ଡି/ଟ୍ୟାଙ୍କର/ଟ୍ରାନ୍ସପୋର୍ଟେଶନ୍/୨୦୧୯/୦୭, ତାରିଖ: ୨୪।୦୬।୨୦୧୯) ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ଡିଜେଲ), ଦକ୍ଷିଣ ପୂର୍ବ ରେଳପଥ/ବଣ୍ଡମୁଣ୍ଡାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଛି:- **କାର୍ଯ୍ୟର ବିବରଣୀ:** ଏକ ବର୍ଷ ଅବଧି ପାଇଁ ଚବିଶ ଘଣ୍ଟିଆ ଡିଜେଲ୍ ଲୋକୋମୋଟିଭ୍‌ରେ ଏନ୍‌ରୁଟ୍ ରିଫୁଏଲିଂ ପାଇଁ ଆରସିଡି/ଡିଏଲ୍‌ଏସ୍/ବିଏନ୍‌ଡିଏମ୍ ନିମନ୍ତେ ମିନିଟ ପିଛା @୨୦୦ ଲିଟରର ସର୍ବନିମ୍ନ ଡିସ୍‌ପେନ୍‌ସିଂ କ୍ଷମତାର ପମ୍ପ ଏବଂ କ୍ୟାଲିବରେଟେଡ୍ ଫ୍ଲୋ ମିଟର ଫିଟ୍ ହୋଇଥିବା ୧୨ କେଏଲ୍ କ୍ଷମତାବିଶିଷ୍ଟ ବେସରକାରୀ ଅଏଲ ଟ୍ରକ୍ ଟ୍ୟାଙ୍କର୍ ଭଡ଼ାସୂତ୍ରରେ ନେବା। **ଆନୁମାନିକ ମୂଲ୍ୟ:** ଟ.୨୧,୫୨,୩୨୦/-। **ଇଏମ୍‌ଡି:** ଟ.୪୩,୦୫୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ଟ.୩,୦୦୦/-। **ସମାପ୍ତିର ତାରିଖ ଓ ସମୟ:** ୧୯।୦୭।୨୦୧୯ରିଖ ୧୨.୩୦ ଘଟିକା। ୱେବ୍‌ସାଇଟ୍: https://eprocure.gov.in/eprocure/appରେ ଟେଣ୍ଡରଦାତାଙ୍କର ପଞ୍ଜୀକରଣ ପରେ ହିଁ ଟେଣ୍ଡର କାଗଜପତ୍ର ହାସଲ କରାଯାଇପାରିବ। (PR-372)

ଜଉମୁଦଦିଆ ଟେଣ୍ଡର (ଟେଣ୍ଡର ବିଜ୍ଞପ୍ତି ନଂ. ଡିଏଲ୍‌ଏସ୍/ ବିଏନ୍‌ଡିଏମ୍/ରେଲ୍‌ୱେ ମ୍ୟାଟେରିଆଲ୍ସ/ଟ୍ରାନ୍ସପୋର୍ଟେଶନ୍/୨୦୧୯/୦୬, ତାରିଖ: ୨୪।୦୬।୨୦୧୯) ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ଡିଜେଲ), ଦକ୍ଷିଣ ପୂର୍ବ ରେଳପଥ/ବଣ୍ଡମୁଣ୍ଡାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଛି:- **କାର୍ଯ୍ୟର ବିବରଣୀ:** ୨ ବର୍ଷ ଅବଧି ପାଇଁ ଡିଏଲ୍‌ଏସ୍/ବିଏନ୍‌ଡିଏମ୍‌ଠାରେ ଡିଜେଲ୍ ଲୋକୋମୋଟିଭ୍‌ରେ ପରବର୍ତ୍ତୀ ଉପଯୋଗ ପାଇଁ ଯେପରି ଓ ଯେବେ ଆବଶ୍ୟକ ହେବ ପୁନର୍ବାସ ଓ ମରାମତି କାର୍ଯ୍ୟ ଲାଗି ଡିଜେଲ ଲୋକୋ ଶେଡ୍, ବଣ୍ଡମୁଣ୍ଡାରୁ ଡିଜେଲ୍ ଲୋକୋ ମଡର୍ନାଇଜେଶନ୍ ୱାର୍କସ୍, ପଟିଆଲାକୁ ରେଳପଥ ସାମଗ୍ରୀ (ତ୍ରୁଟିପୂର୍ଣ୍ଣ ଟ୍ରାକ୍ସନ୍ ମୋଟର୍ସ, ଅଲ୍‌ଟରନେଟର୍ସ ଆଦି)ର ପରିବହନ ପାଇଁ ବେସରକାରୀ ଟ୍ରକ୍ (୨୦ ଏମ୍‌ଟି) ଭଡ଼ାସୂତ୍ରରେ ନେବା (୧୨ ଟ୍ରିପ୍) ଏବଂ ଡିଜେଲ ଲୋକୋମୋଟିଭ୍ ୱାର୍କସ୍, ବାରାଣସୀକୁ ରେଳପଥ ସାମଗ୍ରୀ (ଅଚଳ ଟିଏସ୍‌ସି, ଟର୍ବୋ କୁଲର୍ ଆସେମ୍ବ୍ଲି ଆଦି)ର ପରିବହନ ପାଇଁ ବେସରକାରୀ ଟ୍ରକ୍ (୫ ଏମ୍‌ଟି) ଭଡ଼ା ସୂତ୍ରରେ ନେବା (୧୨ ଟ୍ରିପ୍)। **ଆନୁମାନିକ ମୂଲ୍ୟ:** ଟ.୧୫,୪୯,୮୦୦/-। **ଇଏମ୍‌ଡି:** ଟ.୩୧,୦୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ଟ.୨,୦୦୦/-। **ସମାପ୍ତିର ତାରିଖ ଓ ସମୟ:** ୧୭।୦୭।୨୦୧୯ରିଖ ୧୨.୩୦ ଘଟିକା। ୱେବ୍‌ସାଇଟ୍: https://eprocure.gov.in/eprocure/app ରେ ଟେଣ୍ଡରଦାତାଙ୍କର ପଞ୍ଜୀକରଣ ପରେ ହିଁ ଟେଣ୍ଡର କାଗଜପତ୍ର ହାସଲ କରାଯାଇପାରିବ। (PR-373)



## ସର୍ବସାଧାରଣ ବିଜ୍ଞପ୍ତି

**ଭାଲୁଲତାରୁ ବିସ୍ରା ଷ୍ଟେଶନ ପର୍ଯ୍ୟନ୍ତ ୨୫୦୦୦ ଭୋଲ୍ଟ ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ୍‌ରେ ବିଦ୍ୟୁତ୍ ସରବରାହ ଆରମ୍ଭ**

**ଦକ୍ଷିଣ ପୂର୍ବ ରେଳପଥ**ର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ସମ୍ପୃକ୍ତ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ **୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ**। ସେହି ତାରିଖରେ ଏବଂ ସେହି ତାରିଖ ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ **"ଜୀବନ୍ତ"** ଭାବେ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

ଡିଭିଜନ: **ଚକ୍ରଧରପୁର**

| ସେକ୍ସନର ନାମ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|
| **୧. ଭାଲୁଲତା-ବିସ୍ରା ସେକ୍ସନ ମଧ୍ୟରେ** ୩ୟ ଲାଇନ୍ ଓଏଚ୍‌ଇ ଭାଲୁଲତା ୟାର୍ଡ (ବିଜେଡ୍‌ଆର୍ ପାର୍ଶ୍ୱ)ର କିମି ନଂ.୩୯୨/୪୧ଏ (ଚେନ୍ ଏଜ୍ ୩୯୨/୮୫.୨୮)ରୁ ବିସ୍ରା ଷ୍ଟେଶନ (ବିୟୁଏଲ୍ ପାର୍ଶ୍ୱ)ର କିମି ନଂ.୩୯୮/୧୧ (ଚେନ୍ ଏଜ୍ ୩୯୮/୪୦୧.୫୦), ଯାହା ମଧ୍ୟରେ ବିସ୍ରା ୟାର୍ଡର ଓଏଚ୍‌ଇ ସଂଶୋଧନ ଅନ୍ତର୍ଭୁକ୍ତ ଅର୍ଥାତ୍ ମଧ୍ୟ ସେକ୍ସନ ପାଇଁ ଆନୁମାନିକ ୫.୫ ଟିକେଏମ୍ ଏବଂ ଏକ୍ସ-ଓଭର୍ସ ପାଇଁ ୨ ଟିକେଏମ୍। **୨. ବିସ୍ରାଠାରେ ଲାଇନ୍ ନଂ.-୧ (କମନ୍ ଲୁପ୍)** କିମି ନଂ.୩୯୮/୫ (ସିଏଚ୍.୩୯୮/୨୦୨.୫୦)ରୁ ୩୯୯/୨୧ଏ (ସିଏଚ୍ ନଂ.୩୯୯/୮୬୦.୦୦) ଅର୍ଥାତ୍ ୧.୬୬ ଟିକେଏମ୍ ଆନୁମାନିକ। **୩. ବିସ୍ରାଠାରେ ଲାଇନ୍ ନଂ.-୬ (କମନ୍ ଲୁପ୍)** କିମି ନଂ.୩୯୮/୨ବି (ସିଏଚ୍. ନଂ. ୩୯୮/୩୫୬.୦୦)ରୁ ୩୯୯/୧୨ (ସିଏଚ୍ ନଂ.୩୯୯/୩୨୭.୦୦) ଅର୍ଥାତ୍ ୦.୯୮ ଟିକେଏମ୍ ଆନୁମାନିକ। | ୧୦।୦୭।୨୦୧୯ |

**୨୫ କେଭି ଟ୍ରାକ୍ସନ୍‌ର ପ୍ରଚଳନ**

**"ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ"**

ଦକ୍ଷିଣ ପୂର୍ବ ରେଳପଥର ଭାଲୁଲତା-ବିସ୍ରା ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତା ସ୍ତରରୁ **୪.୬୭ମି.**ର ସ୍ପଷ୍ଟ ଉଚ୍ଚତାରେ **ହାଇଟ୍ ଗେଜ୍** ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ। ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗେଜ୍‌ଗୁଡିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ।

ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:

| ଜରେଇକେଲା-ଭାଲୁଲତା ସେକ୍ସନ ମଧ୍ୟରେ ଲେଭଲ କ୍ରସିଂ ଫାଟକର ଅବସ୍ଥିତି | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|
| ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୦୪) ୩୯୫/୦୧-୦୩ ମଧ୍ୟରେ ୩ୟ ଲାଇନ୍ ଓଏଚ୍‌ଇ ଅବସ୍ଥିତି | ୧୦।୦୭।୨୦୧୯ |

(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ। (ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ। (iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି।

(PR-370) ଏକ୍ସି. ଇଲେକ୍. ଇଂ. (ସିଓଏନ୍), ଚକ୍ରଧରପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ


# ଆନ୍ତର୍ଜାତିକ ନାବିକ ଦିବସ



ଦିବସ ପାଳନ ଉତ୍ସବରେ ଉପସ୍ଥିତ ଅତିଥି।

**ପାରାଦୀପ,୨୬।୬(ସ୍ୱ.ପ୍ର.)**

ସ୍ଥାନୀୟ ନୂଆବଜାରସ୍ଥିତ ଜନମଙ୍ଗଳ ସଂଘର ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ନାବିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସଚିବ ବିମଳ କୁମାର ଝା, ଏମ୍‌ଏମ୍‌ଡ଼ି(ମେରାଇନ ମର୍କାଣ୍ଟାଇଲ ଡିପାର୍ଟମେଣ୍ଟର ସର୍ଭେୟର ଏସ୍‌କେ ଦାସ ପ୍ରମୁଖ ଯୋଗଦେଇଥିଲେ। ପାରାଦୀପକୁ ଆସୁଥିବା ବିଭିନ୍ନ ଦେଶର ନାବିକମାନଙ୍କ ସୁଖ ସୁବିଧା ପାଇଁ କିପରି ସୁବିଧା କରାଯିବାକଥା ତାହା କହିଥିଲେ। ସେମାନଙ୍କ ଖେଳକୁଦ, ବିଶ୍ରାମ, ମନୋରଞ୍ଜନ, ସ୍ୱାସ୍ଥ୍ୟଗତ ସୁବିଧା ରହଣି ଆଦି ବ୍ୟବସ୍ଥା ଜନମଙ୍ଗଳ ସଂଘରେ କରାଯାଇଛି। ସଭାକୁ ସଂଘର କୋଷାଧ୍ୟକ୍ଷ ଅନନ୍ତ ଦାସ ସଞ୍ଚାଳନ କରିଥିବା ବେଳେ ଏସ୍‌ସି ସାହୁ ଧନ୍ୟବାଦ ଦେଇଥିଲେ।


## ବ୍ୟାଙ୍କ ଅଫ୍ ଇଣ୍ଡିଆ — ଡିମାଣ୍ଡ ନୋଟିସ୍

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୧୫

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମାପଡା ଶାଖା**ର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ନିମାପଡା ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | SARFAESI ନିୟମାନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସାଇ କ୍ରିଷ୍ଣା ଏଣ୍ଟରପ୍ରାଇଜ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଜୟ କୁମାର ନାୟକ / ଗ୍ୟାରେଣ୍ଟିଦାତା: ଶ୍ରୀ ବିଜୟ କୁମାର ନାୟକ,** ଉଭୟଙ୍କ ଠିକଣା- ସା: କନପୁର, ପୋ.: ଓଳିକଣା, ଥାନା: ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୧୪ | ସିସି / ଟ.୯,୬୦,୦୦୦/- | ୩୦.୦୯.୨୦୧୮ / ୦୯.୧୧.୨୦୧୮ | ଟ.୧୦,୧୪,୫୨୫/- + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | **ଶ୍ରୀ ଅଜୟ କୁମାର ନାୟକ ଏବଂ ଶ୍ରୀ ବିଜୟ କୁମାର ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୩୧, ପ୍ଲଟ୍ ନଂ.: ୬୮୦ ଏବଂ ୫୬୪, କ୍ଷେତ୍ର: ୧୨ ଡିସିମିଲି, କିସମ: ଘରବାରୀ, ମୌଜା: କନପୁର, ଥାନା: ନିମାପଡା, ଏସ୍‌ଆରଓ: ନିମାପଡା, ତହସିଲ: ନିମାପଡା, ଜିଲ୍ଲା: ପୁରୀ, **ପ୍ଲଟ୍ ନଂ.: ୫୬୪ର ଚାରିପାର୍ଶ୍ୱରେ** ଉତ୍ତର: ଗୋଲେଖ ପ୍ରଧାନ, ଦକ୍ଷିଣ: କାଳନ୍ଦୀ ପ୍ରଧାନ, ପୂର୍ବ: ବିଶ୍ୱମ୍ଭର ପ୍ରଧାନ ଏବଂ ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ.: ୬୮୦ର ଚାରିପାର୍ଶ୍ୱରେ** ଉତ୍ତର: ପ୍ଲଟ୍ ନଂ.: ୬୫୩, ଦେବେନ୍ଦ୍ର ପ୍ରଧାନ, ଦକ୍ଷିଣ: ପ୍ଲଟ୍ ନଂ.: ୬୮୧, ନରୋତ୍ତମ ପ୍ରଧାନ, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ପ୍ଲଟ୍ ନଂ.: ୬୮୪, ମନୋଜ କୁମାର ନାୟକ |

ଉପରଦର୍ଶିତ **ନିମାପଡା ଶାଖା**ର ଋଣଗ୍ରହୀତା ମୂଳରାଶି/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ତାଙ୍କର ଆକାଉଣ୍ଟକୁ **ତା.୩୦.୦୯.୨୦୧୮ ରିଖରେ** ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସମସ୍ତ କିମ୍ବା ଯେ କୌଣସି ଏକ କିମ୍ବା ଅଧିକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତିମାଧ୍ୟମରେ ଲିଜ୍ ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି। ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଏହି ନୋଟିସ୍ ପ୍ରକାଶନ ତାରିଖ ପରେ ଉପରୋକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଉପରକଥିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ / ଲିଜ୍ ଇତ୍ୟାଦି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ ଏବଂ ଅନ୍ୟକୌଣସି ମାଧ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରିପାରିବେ ନାହିଁ। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଛି।**

**ସ୍ଥାନ : ଭୁବନେଶ୍ୱର, ତାରିଖ : ୨୭.୦୬.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ



## ସଂକ୍ଷେପରେ

### ଖରସ୍ରୋତାରେ କୁମ୍ଭୀର ଆତଙ୍କ

ରତ୍ନଗିରି,୨୬।୬(ଡି.ଏନ.ଏ.): ବୋଦୁଅ ପଞ୍ଚାୟତର ଜଣେ ବ୍ୟକ୍ତି ମଙ୍ଗଳବାର ବିଳମ୍ବିତ ରାତିରେ ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ କୁମ୍ଭିର ନଦୀ ପଠାରେ ଶୋଇଥିବା ଦେଖିଥିଲେ। କୁମ୍ଭୀରକୁ ଦେଖି ସେ ଅତ୍ୟନ୍ତ ଭୟଭୀତ ହୋଇ ପାଟି କରିବାରୁ ସେଠାରେ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ସ୍ଥାନୀୟ ଲୋକେ ଘଉଡାଇବା ଯୋଗୁ କୁମ୍ଭୀର ନଦୀ ମଧ୍ୟକୁ ଚାଲିଯାଇଥିଲା। ବୁଧବାର ସ୍ଥାନୀୟ ବୋଦୁଅ, କୁମୁକା, କନ୍ତିଆ, ରାଇପୁର, ପାଳ ସାହି, ଭଅଁରା ଗ୍ରାମର ଲୋକେ ଖରସ୍ରୋତା ନଦୀକୁ ଯାଇ ନ ଥିବା ଦେଖିବାକୁ ମିଳିଛି।

### କଳାପଥର ବୋଝେଇ ଡମ୍ଫର ଜବତ



ଚଣ୍ଡିଖୋଲ,୨୬।୬(ଡି.ଏନ.ଏ.): ଦର୍ପଣ ତହସିଲ ଅନ୍ତର୍ଗତ ଅରଖପୁର ପଞ୍ଚାୟତର ବଡ଼ ଗେଙ୍ଗୁଟିନଦୀ ନିଳାମ୍ବରପୁରଠାରେ ବାଲିଘାଟ ଚାଲୁଥିବା ନେଇ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ବୁଧବାର ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରେ ବାଲି ବୋଝେଇ କରୁଥିବା ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଏବଂ ଟ୍ରକ୍ ଖସି ପଳାଇଯାଇଥିଲେ। ଫେରିବାବେଳେ ୧୬ ନଂ. ଜାତୀୟ ରାଜପଥରୁ ବେଆଇନଭାବେ କଳାପଥର ବୋଝେଇ କରିଯାଉଥିବା ଏକ ଡମ୍ଫରକୁ ଜବତ କରି ବଡ଼ଚଣା ଥାନାକୁ ହସ୍ତାନ୍ତର କରିଛନ୍ତି।

### ମଦଦୋକାନ ସ୍ଥାନାନ୍ତର ପାଇଁ ସ୍ଥାନୀୟ ମହିଳାଙ୍କ ଦାବି

କୋରେଇ,୨୬।୬(ସ୍ୱ.ପ୍ର): କୋରେଇ ଥାନା ଅର୍ନ୍ତଗତ ବରୁଣ୍ଡେଇ ବଜାରଠାରେ ଥିବା ମଦ ଦେକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବୁଧବାର ବିଏସପି ନେତା କାଜଲ ନାୟକଙ୍କ ନେତୃତ୍ୱରେ ଶତାଧିକ ସ୍ଥାନୀୟ ମହିଳା ମଦ ଦେକାନ ସମ୍ମୁଖରେ ଧାରଣା ଦେଇଥିଲେ। ଖବରମୁତାବକ ଏହି ମଦଦେକାନ ସ୍ଥାନାନ୍ତର ପାଇଁ ପୂର୍ବରୁ ଜିଲାପାଳଙ୍କ ନିକଟରେ ଦାବିପତ୍ର ଦେଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ବୁଧବାର ମଦ ଦେକାନ ସମ୍ନାରେ ଧାରଣାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ, କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତି ଓ ଏଏସଆଇ ସଲ୍ଲିଳ ମଲ୍ଲିକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ୧୫ ଦିନ ମଧରେ ମଦଦେକାନକୁ କିପରି ସ୍ଥାନାନ୍ତର କରାଯିବ, ସେ ନେଇ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରାଯିବ ବୋଲି ତହସିଲଦାର କହିଥିଲେ।

### କୃଷକଙ୍କ ପାଇଁ ବିତ୍ତୀୟ ଶିକ୍ଷା କାର୍ଯ୍ୟକ୍ରମ



କଳିଙ୍ଗନଗର,୨୬।୬(ଡି.ଏନ୍.ଏ.): ନାବାର୍ଡ ସହାୟତାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦାନଗଦୀ ଶାଖା ପକ୍ଷରୁ ଧୂଳିଗଡ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ପରସରରେ ବୁଧବାର କୃଷକଙ୍କ ପାଇଁ ବିତ୍ତୀୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ସୁଦର୍ଶନ ବଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ଚଣ୍ଡିଖୋଲ ଶାଖାର ସିନିୟର ମ୍ୟାନେଜର ବିଷ୍ଣୁ ପ୍ରସାଦ କର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷକ, ମହିଳା ଓ ଜନସାଧାରଣଙ୍କ ଉନ୍ନତି ପାଇଁ ବ୍ୟାଙ୍କ ସବୁବେଳେ କାମକରି ଆସୁଛି। ଏଥିସହ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ଓ ବୀମା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମ୍ୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ଦେଓ, ପୂର୍ବତନ ବ୍ୟାଙ୍କ କର୍ମଚାରୀ ନିତ୍ୟାନନ୍ଦ ମାଝୀ ସମ୍ମାନୀୟ ଅତିଥିଭାବେ ଯୋଗଦେଇଥିଲେ। ବ୍ୟାଙ୍କ ବି.ସି କୁନମୁନ ଧୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକ ଯୋଗ ଦେଇଥିଲେ।

# ଘରୋଇ ସେବାରେ ମାତିଛନ୍ତି ସରକାରୀ ଡାକ୍ତର





- ସିଏଚ୍‌ସିରେ ଡାକ୍ତର ଅଭାବ, ମେଡିସିନ ଷ୍ଟୋରରେ ମାଲମାଲ
- କୌଣସି ସମସ୍ୟା ନ ଥିଲେ ବି ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଉଛି କଟକ
- ଲୋକସଂଖ୍ୟା ଦେଢ ଲକ୍ଷ ଟପିଲାଣି, ସିଏଚସିରେ ସୀମିତ ସ୍ୱାସ୍ଥ୍ୟସେବା
- ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଶ୍ରୁତି ଧୂଆଁବାଣ

ଯାଜପୁର ଅଫିସ/ ଯାଜପୁରରୋଡ(ନି.ପ୍ର.),୨୬।୬

କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଭିନ୍ନ କାରଖାନା ପ୍ରତିଷ୍ଠା ହେବା ପରେ ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳରେ ଲୋକସଂଖ୍ୟା ଦେଢ ଲକ୍ଷ ଟପିଲାଣି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଭଲ ସରକାରୀ ଡାକ୍ତରଖାନାଟିଏ ଏଠାରେ ନାହିଁ। ଏହା ସୁଯୋଗରେ କଟକ, ଭୁବନେଶ୍ୱର, ଯାଜପୁର ଓ ଯାଜପୁରରୋଡର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ବ୍ୟବସାୟିକ ପେଣ୍ଠସ୍ଥଳ ପାଲଟିଛି ବ୍ୟାସନଗର ସହର। ସହରରେ ଥିବା ୨୦ରୁ ଊର୍ଦ୍ଧ୍ୱ ମେଡିସିନ ଷ୍ଟୋର ସମେତ ବିଭିନ୍ନ କ୍ଲିନିକରେ ଏହି ଡାକ୍ତରମାନେ ସ୍ୱାସ୍ଥ୍ୟସେବାକୁ ବ୍ୟବସାୟୀକରଣ କରିଛନ୍ତି। ଅବସରପ୍ରାପ୍ତ ଡାକ୍ତରଙ୍କ ପାଇଁ ଏହା ସ୍ୱାଗତଯୋଗ୍ୟ ହୋଇଥିବାବେଳେ ଏଥିଯୋଗୁ ସରକାରୀ ଚାକିରିରେ ଥିବା ଡାକ୍ତରମାନେ ଅନେକ ସମୟରେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ସାଧାରଣ ରୋଗୀ ହଇରାଣ ହେଉଥିବା ନଜିର ରହିଛି।

ବ୍ୟାସନଗର ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କ ରୋଗ ଦୁଃଖ ଚିର ସହଚର ହୋଇଛି। କିଡନୀ, ଯକ୍ଷ୍ମା, ଜ୍ୱର, ଝାଡାବାନ୍ତି, ହଇଜା ଓ ଅନ୍ୟାନ୍ୟ ପେଟ ରୋଗ ଏହି ଅଞ୍ଚଳ ପାଇଁ ସାଧାରଣ କଥା। କିନ୍ତୁ ସରକାରୀସ୍ତରରେ ଅବହେଳା ଏବଂ ରାଜନୈତିକ ନେତୃବର୍ଗଙ୍କ ଉଦାସୀନତା ଯୋଗୁ ଚିକିତ୍ସାସେବା ନାମରେ ୩୦ଶଯ୍ୟା ବିଶିଷ୍ଟ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଲୋକ ସଂଖ୍ୟା ତୁଳନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯଥେଷ୍ଟ ନୁହେଁ। ଏହାବାଦ ଏଠାରେ ମେଡିସିନ, ଆସିଷ୍ଟାଣ୍ଟ ସର୍ଜନ, ଦାନ୍ତ ବିଶେଷଜ୍ଞ ଆଦି ପଦବୀ ଖାଲି ପଡିଛି। କେବଳ ସେତିକି ନୁହେଁ ୩ ଜଣ ଷ୍ଟାଫ୍ ନର୍ସ, ଲାବୋରୋଟୋରୀ ଟେକ୍ନିସିଆନ, ରେଡିଓଗ୍ରାଫର, ଫାର୍ମସିଷ୍ଟ ଆଦି ପଦବୀ ପୂରଣ ହୋଇପାରୁ ନାହିଁ। ଏକ୍ସରେ, ଅଲଟ୍ରାସାଉଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ମେଶିନ ଖରାପ ହୋଇପଡିଛି। ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, ଔଷଧ ନାହିଁ ଆଦି ଅଭିଯୋଗ କରି ନୟାନ୍ତ ହେଲେଣି ଲୋକେ। ହେଲେ କେହି ଶୁଣୁନାହାନ୍ତି। ଯାହା ପାଖରେ ଟଙ୍କା ଅଛି ସେମାନେ ବାହାରେ ମେଡିସିନ ଦୋକାନ କିମ୍ବା କ୍ଲିନିକରେ ଚିକିତ୍ସିତ ହେଉଛନ୍ତି। ଯାହା ପାଖରେ ଅର୍ଥ ନାହିଁ, ସେମାନେ ନିଜ ଭାଗ୍ୟକୁ ଆଦରି ଡାକ୍ତରଖାନାରେ ପଡିରୁହନ୍ତି। ବିଶେଷ କରି ଗର୍ଭବତୀମାନେ ବିଭିନ୍ନ ସମୟରେ ଅବହେଳିତ ହେଉଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଡାକ୍ତର ମେଡିସିନ ଷ୍ଟୋର କିମ୍ବା ବେସରକାରୀ କ୍ଲିନିକକୁ ଯିବାର ସମୟ ହୋଇଯାଇଥିଲେ ଗର୍ଭବତୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। କୌଣସି ସମସ୍ୟା ନ ଥିଲେ ବି କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରୁଥିବା ଅଭିଯୋଗ ହେଉଛି। ଯାଜପୁରରୋଡ ସିଏଚ୍‌ସିକୁ ଉନ୍ନତୀକରଣ କରିବା ପାଇଁ ୨୦୧୧ରେ ତତ୍କାଳୀନ କୋରେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ଏନେଇ ଦାବି, ଆନ୍ଦୋଳନ ମଧ୍ୟ ହୋଇଥିଲା। କିନ୍ତୁ ବିଧାୟକଙ୍କ କୌଣସି ସୁପାରିଶକୁ ସରକାର ଶୁଣି ନ ଥିଲେ। ଜିଲା ହେଡକ୍ୱାର୍ଟରେ ହୋଇ ନ ଥିଲେ ବି ରାଉରକେଲା ଭଳି ଏକ ସୁପରସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ହେଲେ ଲଗାତାର ୨୫ବର୍ଷର ବିଜେଡି ଶାସନରେ ମଧ ଶିଳ୍ପ ସମୃଦ୍ଧ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହରକୁ ଉପେକ୍ଷା କରାଯାଇଆସୁଛି। ୨୦୧୮ରେ କୋରେଇ ବିଧାୟକ ଅକାଶଦାସ ନାୟକ ଉପଖଣ୍ଡସ୍ତରୀୟ ଡାକ୍ତରଖାନା କରିବାକୁ ଦାବି କରିଥିଲେ। ହେଲେ ସେଥିପ୍ରତି କେହି କର୍ଣ୍ଣପାତ କଲେ ନାହିଁ। ଏବେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସଙ୍କ ସୁପାରିଶରେ କୋରେଇ ବିଧାୟକ ଅଶୋକ ଦାସ ଟିକେଟ ପାଇ ନିର୍ବାଚିତ ହେବା ପରେ ବ୍ୟାସନଗର ସହର ପ୍ରତି ଦରଦ ଦେଖାଦେଇଛି। କିଛିଦିନ ତଳେ କେତେକ ଗଣମାଧ୍ୟମରେ ଯାଜପୁରରୋଡ ସିଏଚ୍‌ସିର ବିକାଶ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ୨୦୧୫ ସେପ୍ଟେମ୍ବରରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ସୁପର ସ୍ପେସିଆଲିଟୀ ଡାକ୍ତରଖାନା ଆରମ୍ଭ କରିବାକୁ ଜନପ୍ରତିନିଧିମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଜେଡି ସରକାରଙ୍କ ଉଚ୍ଚସ୍ତରୀୟ ନେତୃବର୍ଗଙ୍କ ହସ୍ତକ୍ଷେପ ଫଳରେ ଏହି ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଏହି ଅବସରରେ ୨୦୧୬ ଅଗଷ୍ଟ ସୁଦ୍ଧା ସୁପର ସ୍ପେସିଆଲିଟୀ ଡାକ୍ତରଖାନା କାର୍ଯ୍ୟକାରୀ ହେବ ଏବଂ ଯେଉଁଥିରେ କିଡନୀ ଏବଂ କର୍କଟ ରୋଗର ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରତିଶ୍ରୁତିକୁ ୩ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ବି ଏଯାବତ୍ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷେ ଟାଟା ମେଡିକା ହସ୍ପିଟାଲ କାର୍ଯ୍ୟକାରୀ ହୋଇଥିଲେ ହେଁ ଆକାଶଛୁଆଁ ଦର ଯୋଗୁ ସାଧାରଣ ଗରିବ ଲୋକ ସେଠାରେ ଚିକିତ୍ସିତ ହେବା ସମ୍ଭବପର ହୋଇପାରୁ ନାହିଁ। ସରକାରୀସ୍ତରରେ ଏହିସବୁ ସମସ୍ୟାର ଫାଇଦା ନେଉଛନ୍ତି ସହରର ମେଡିସିନ ଷ୍ଟୋର, କ୍ଲିନିକ ଓ ସରକାରୀ ଡାକ୍ତରମାନେ। ଏ ସଂକ୍ରାନ୍ତରେ ସିଡିଏମଓ ଆର.ପି. ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ଲୋକସଂଖ୍ୟା ତୁଳନାରେ ବ୍ୟାସନଗର ସହରରେ ଏକ ସ୍ପେଶିଆଲ ଡାକ୍ତରଖାନା ପ୍ରତିଷ୍ଠା ହେବା ଜରୁରୀ ହୋଇଛି। ଏଥିପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଯେଉଁ ସରକାରୀ ଡାକ୍ତରମାନେ ନିଜ କର୍ତ୍ତବ୍ୟରେ ଅବହେଳା କରି ବ୍ୟବସାୟୀକରଣ କରୁଛନ୍ତି ସେମାନଙ୍କ ବିରୋଧରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପ୍ରଲୋଭନ ଦେଖାଇ ସୁନାଗହଣା ଲୁଟ୍

ରସୁଲପୁର,୨୬।୬(ଡିଏନଏ)

ରସୁଲପୁର ବ୍ଲକ ମୁରୁପାଳ ପଞ୍ଚାୟତ ଖଇରାବାଦ ଗ୍ରାମର ରତ୍ନାକର ମଳିକଙ୍କ ଘରୁ ଦୁଇଜଣ ଲୁଟେରା ସୁନାଗହଣା ଲୁଟି ନେଇଛନ୍ତି। ଲୁଟେରା ଦ୍ୱୟ ବୁଧବାର ମଧ୍ୟାହ୍ନରେ ତାଙ୍କ ଘରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଘରର ପୂର୍ଣ୍ଣାଙ୍ଗୀକରଣ ପାଇଁ ଅର୍ଥ ପ୍ରଦାନ କରିବାକୁ କହି ଘରୁ ସୁନା ଓ ରୂପା ଗହଣା ଲୁଟି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ୨ଜଣ ଅଜଣା ବ୍ୟକ୍ତି ରତ୍ନାକରଙ୍କ ଘରେ ପହଞ୍ଚି ଥିଲେ। ସେ ଘରେ ନ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଦେଖାକରି ସେମାନେ ବ୍ଲକରୁ ଆସିଥିବା କହିଥିଲେ। ତାଙ୍କ ସ୍ୱାମୀଙ୍କ ନାଁରେ ଏକ ସରକାରୀ ଗୃହ ମିଳିଛି। ଉକ୍ତ ଘରେ କବାଟ, ଝରକା ଆଦି ଲଗାଇବା ସକାଶେ ସେମାନେ ୩୫ହଜାର ଟଙ୍କା ପ୍ରଦାନ କରିବେ। ଏ ବାବଦକୁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡିବ। ଏତେ ଟଙ୍କା ତାଙ୍କ ନିକଟରେ ନ ଥିବାରୁ ସେ ସ୍ୱାମୀଙ୍କୁ ଫୋନ କରିବା ପାଇଁ ବାହାରକୁ ପଳାଇ ଯାଇଥିଲେ । ଏହି ସୁଯୋଗରେ ବ୍ୟକ୍ତି ଦୁଇଜଣ ତାଙ୍କ ଘରୁ ୧ହଳ ରୂପା ପାଉଁଜି, ଗୋଟିଏ ଲକେଟ ଓ ହଳେ କାନଫୁଲ ନେଇ ଯାଇଥିଲେ। ମୁନୀ ସ୍ୱାମୀଙ୍କ ସହ କଥା ହୋଇସାରି ଫେରି ଦେଖିଲା ବେଳକୁ ଲୋକ ଦୁଇଜଣ ଘରେ ନ ଥିଲେ। ପରେ ସେ ଘର ଭିତର ସ୍ଥିତି ଯାଞ୍ଚ କରି ସୁନା ଓ ରୂପା ଗହଣା ଚୋରି ହୋଇଯାଇଥିବା ଅବଗତ ହୋଇଥିଲେ। ଏ ସମ୍ପର୍କରେ ସେ କୁଆଖିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା (ନଂ. ୧୭୧/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଜିଲାସ୍ତରୀୟ ସଚେତନତା ଦିବସ

# ‘ଯୁବପିଢ଼ିଙ୍କୁ ଅପରାଧୀ କରାଉଛି ନିଶା’



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୨୬।୬(ଡିଏନଏ)

ନିଶାଦ୍ରବ୍ୟ ଚୋରା କାରବାର ବିରୋଧରେ ଜିଲାସ୍ତରୀୟ ସଚେତନତା ଦିବସ ବୁଧବାର ଗୌତମବୁଦ୍ଧ ସଂସ୍କୃତିଭବନଠାରେ ପାଳିତ ହୋଇଯାଇଛି। ଜିଲାର ୬ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ସଦସ୍ୟଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀ, ବିଭିନ୍ନ ବ୍ଲକରୁ ଆସିଥିବା ସାମାଜିକ ସୁରକ୍ଷା ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଯାଜପୁର ସହର ପରିକ୍ରମା କରିଥିଲା। ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାବେଶକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଶା ବ୍ୟବହାର କରି ଯୁବପୀଢ଼ି ଅପରାଧୀ ହେଉଥିବା ପ୍ରକାଶ କରିଥିଲେ। ଆଜିର ଦିନରେ ଆଇନ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲେ ମଧ ନିଶା ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଉଦ୍‌ବେଗଜନକ ହୋଇପଡ଼ିଛି। ଏହି ଜିଲାସ୍ତରୀୟ ସଚେତନତା ସମାବେଶରେ ଅବକାରୀ ବିଭାଗର ଜିଲା ଆରକ୍ଷୀ ଅଧୀକ୍ଷକ ରଜତ କୁମାର ପ୍ରହରାଜ ଯୋଗଦେଇ ଆଇନ୍‌କୁ ଉଲଙ୍ଘନ କଲେ ୧ବର୍ଷରୁ ୨୦ବର୍ଷ ଓ ୧ଲକ୍ଷରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡବିଧାନ କରାଯିବାର ବ୍ୟବସ୍ଥା ରହିଛି। ନିଶା ବ୍ୟବହାରର କାରଣ ନିରାକରଣ ଉପରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଯାଜପୁର ଶାଖାର ମୁଖ୍ୟ ବି.କେ ଲକ୍ଷ୍ମୀ ଯୋଗଦେଇ ମଣିଷ କ୍ଷଣିକ ସୁଖ ପାଇବା ପାଇଁ ନିଶା ସେବନ କରି ନିଜର ଓ ସମାଜର ପ୍ରବୁଦ୍ଧ କ୍ଷତି ଘଟାଉଥିବା ଉପରେ ଗୁରୁତ୍ୱ ଦେବା ସହିତ ଏହି ନିଶା ସେବନକୁ ପ୍ରତିହତ କରିବା ପାଇଁ ଆଧ୍ୟାତ୍ମିକ ଚିନ୍ତାଧାରାରେ ସଂସ୍କାର ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ବୌଦ୍ଧିକ ଓ ସଂସ୍କାରକୁ ଜାଗୃତି କରିପାରିଲେ ନିଶାକୁ ପ୍ରତିହତ କରାଯାଇପାରିବ ବୋଲି କହିବା ସହ ନିଶାରୁ ଦୂରେଇ ରହି ନିଶାମୁକ୍ତି ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ।

### ବେଆଇନ ବାଲିଘାଟରେ ଚଢ଼ାଉ, ଜରିମାନା ଆଦାୟ

ରସୁଲପୁର,୨୬।୬(ଡିଏନଏ)

ରସୁଲପୁର ତହସିଲ ଅନ୍ତର୍ଗତ କଲଣ ଘାଟଠାରେ ବେଲାଇନ ବାଲି ଚାଲାଣ ହେଉଥିବା ଖବରପାଇ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଚଢ଼ାଉ କରି ୩ଟି ଟ୍ରାକ୍ଟର ଜବତ କରିଥିଲେ। ସେମାନଙ୍କଠାରୁ ୧୦ ହଜାର ଲେଖାଏଁ କରି ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ଆଦମପୁର ଆରଆଇ ରମେଶ ଚନ୍ଦ୍ର ସାହୁ, ନରସିଂହପୁର ଆରଆଇ ଦୁର୍ଜୟ ଷଡ଼ଙ୍ଗୀ, ସିଂହପୁର ଆରଆଇ ସନ୍ତୋଷ ପରିଡ଼ା, ସାମନ୍ତରାପୁରର ନୃସିଂହ ବେହେରା, କୁଆଖିଆ ପୋଲିସ ଏବଂ ଅନ୍ୟ ତହସିଲ କର୍ମଚାରୀ ସାମିଲ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଯାଜପୁରରୋଡ,୨୬।୬(ନି.ପ୍ର.)

ବ୍ୟାସନଗର ପୌର ପରିଷଦ ଚୋରଦା ଗ୍ରାମର ସାମାଜିକ କର୍ମୀ ଜଗନ୍ନାଥ ରାଉତ (୬୭)ଙ୍କର ମଙ୍ଗଳବାର ହୃଦଘାତରେ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ସୁବାସ କ୍ଲବ ଗଠନ କରି ଯୁବ ସମାଜକୁ ସଂଗଠିତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିଥିଲେ। ଛାତ୍ର ଜୀବନରୁ ଛାତ୍ର କଂଗ୍ରେସ ରାଜନୀତିରେ ସାମିଲ ହୋଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ।

### ବିହାରରେ ଶିଶୁ ମୃତ୍ୟୁ ବିରୋଧରେ ପ୍ରତିବାଦ ଦିବସ

ଯାଜପୁର ଟାଉନ,୨୬।୬(ଡିଏନଏ)

ବିହାରରେ ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍ ରୋଗରେ ୨୦୦ରୁ ଅଧିକ ଶିଶୁ ମୃତ୍ୟୁମୁଖରେ ପଡ଼ିବା ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ୨୪ ଜୁନ୍‌କୁ ପ୍ରତିବାଦ ଦିବସ ରୂପେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଦଳର ଜିଲା କମିଟି ପକ୍ଷରୁ ଯାଜପୁର ଟାଉନଠାରେ ପ୍ରତିବାଦ ଶୋଭାଯାତ୍ରା କରାଯାଇ ମେଡିକାଲ ଛକ, ଗାନ୍ଧୀଛକ, ବସ୍‌ଷ୍ଟାଣ୍ଡ, ଗରିଆପୁର ଆଦି ସ୍ଥାନରେ ପ୍ରତିବାଦ ସଭା କରାଯାଇଛି। ଦଳର ଜିଲା କମିଟି ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ପରିଚାଳିତ ପ୍ରତିବାଦ ସଭାରେ ଜିଲା କମିଟି ସଭ୍ୟ ସ୍ୱୟଂପ୍ରଭା ନାୟକ, ଅଚ୍ୟୁତ ପ୍ରଧାନ, ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ ପ୍ରମୁଖ ବକ୍ତା ସେମାନଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, କେନ୍ଦ୍ର ଓ ବିହାର ରାଜ୍ୟର କ୍ଷମତାସୀନ ସରକାରଙ୍କ ଚରମ ନିଷ୍କ୍ରିୟତା ଓ ଅବହେଳା ଯୋଗୁ ଶିଶୁ ମୃତ୍ୟୁ ଉପରେ ରୋକ ଲାଗିପାରି ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଯୁଦ୍ଧକାଳୀନ ଭିତ୍ତିରେ ଶିଶୁ ମୃତ୍ୟୁ ରୋକିବାକୁ ପଦକ୍ଷେପ ନିଆଯାଇ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବିଶିଷ୍ଟ ସଂଗଠକ ଅଭିମନ୍ୟୁ ଦାସ, କଳ୍ପନା ପରିଡ଼ା, ସସ୍ମିତା ଜେନା, ମମତା ସେଠୀ, ମେଘନାଦ ଯେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିହାରର ଏହି ଶିଶୁ ମୃତ୍ୟୁ ଘଟଣାର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ ଓ ପୁଷ୍ଟିହୀନତା। ଏହି ରୋଗରେ ୨୦୦୦ରୁ ୨୦୧୦ ମସିହା ମଧ୍ୟରେ ୧୦୦୦ରୁ ଅଧିକ ଶିଶୁ ପ୍ରାଣ ହରାଇଥିବାବେଳେ ୨୦୧୪ରେ ସର୍ବାଧିକ ୩୫୫ ଜଣ ପ୍ରାଣ ହରାଇଥିଲେ। ତଥାପି ସରକାର ଉକ୍ତ ରୋଗର କାରଣ ଓ ନିରାକରଣ ପାଇଁ କୌଣସି ତତ୍ପରତା ପ୍ରକାଶ କରିବା ପରିବର୍ତ୍ତେ ଅପରାଧୀ ସୁଲଭ ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।





ଏସ୍‌ୟୁସିଆଇ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

### ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦାବି

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର ଟାଉନ,୨୬।୬(ଡିଏନଏ)

ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦାବିରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ୍ ଯାଜପୁର ଶାଖା ତରଫରୁ ଜିଲାପାଳଙ୍କ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରାଯିବା, ସେପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୮ହଜାର ଟଙ୍କା ଓ ସହାୟିକାଙ୍କୁ ମାସିକ ୯ହଜାର ଟଙ୍କା ପ୍ରଦାନ, ସୁପରଭାଇଜର ପଦବୀରେ ବୟସ ସୀମା ହଟାଯାଇ ଶତ ପ୍ରତିଶତ ପ୍ରଦାନ, ସାମାଜିକ ସୁରକ୍ଷା ଯଥା ପ୍ରୋଭିଡେଣ୍ଟ ଫଣ୍ଡ, ଇଏସ୍‌ଆଇ, ଗ୍ରାଚ୍ୟୁଇଟି ପ୍ରଦାନ କରାଯିବା ଆଦି ଦାବିଗୁଡ଼ିକ ଜିଲାସଂଘ ସଭାପତି ପୁରୁଷୋତ୍ତମ ମହାପାତ୍ର, ସମ୍ପାଦିକା କଲ୍ୟାଣୀ ମହାନ୍ତି, ସଭାନେତ୍ରୀ ସବିତା ପାଢ଼ୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଜାନୁୟାରୀ ୧୨ରେ ଘୋଷଣା କରିଥିବା ଦାବିଗୁଡ଼ିକ ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଅଙ୍ଗନୱାଡି କର୍ମଚାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନୱାଡି କର୍ମଚାରୀଙ୍କୁ ମାସିକ ୧୫ହଜାର ଟଙ୍କା, ଅକ୍ଟୋବର ୨ରୁ ରାଜ୍ୟ ସରକାରଙ୍କ ତରଫରୁ ଗ୍ରୀଷ୍ମ ଅବକାଶ ଛୁଟି ୧୪ଦିନ ପ୍ରଦାନ, ଚାକିରିର ବୟସସୀମା ୬୦ବର୍ଷ ପରିବର୍ତ୍ତେ ୬୨, ଚାକିରିରୁ ଅବସର ସମୟରେ ୨୦ହଜାର ଟଙ୍କା ପ୍ରଦାନ, ରନ୍ଧନ ଗ୍ୟାସ ଯୋଗାଇ ଦେବା, ସୁପରଭାଇଜର ପଦବୀରେ ୫୦ ପ୍ରତିଶତ ଅଙ୍ଗନାୱାର୍ଡି କର୍ମୀଙ୍କୁ ପ୍ରଦାନ ଆଦି ରାଜ୍ୟ ସରକାର ଘୋଷଣା କରିଥିବା ଦିନଠାରୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# କାଗଜ କଲମରେ ଚାଲିଛି ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ

- ଖାଲିପଡ଼ିଛି ଯୁଗ୍ମ ଶ୍ରମିକ ଆୟୁକ୍ତ ଓ ଅନ୍ୟ କର୍ମଚାରୀ ପଦବୀ
- କାର୍ଯ୍ୟାଳୟରେ ପଞ୍ଜୀକରଣ ହୋଇଛି ୧.୩୬ ଲକ୍ଷ ଶ୍ରମିକଙ୍କ ନାମ
- ଶ୍ରମ ସମ୍ବନ୍ଧୀୟ ସମସ୍ୟାର ହୋଇପାରୁନି ସମାଧାନ

ଯାଜପୁରରୋଡ,୨୬।୬(ନି.ପ୍ର.)

କଳିଙ୍ଗନଗର ଏକ ଶିଳ୍ପାଞ୍ଚଳ ହୋଇଥିବାବେଳେ ସେଠାରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ରହିଥାଏ। ଶ୍ରମିକଙ୍କ ସମାଧାନ ପାଇଁ ଯାଜପୁରରୋଡ଼ଠାରେ ଉପଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଖୋଲାଯାଇଥିଲା। ଏହି କାର୍ଯ୍ୟାଳୟକୁ ସେପ୍ଟେମ୍ବର ୨୦୧୮ରେ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ପରିଣତ କରାଯାଇଥିଲା। କିନ୍ତୁ ଏହା କେବଳ କାଗଜ କଲମରେ ସୀମିତ ରହିଥିବାବେଳେ ଏପର୍ଯ୍ୟନ୍ତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପଦବୀ ଖାଲିପଡ଼ିଛି। ଏହାବ୍ୟତୀତ କାର୍ଯ୍ୟାଳୟରେ ଜିଲା ଶ୍ରମ ଅଧିକାରୀ ପଦବୀ ୨ମାସ ହେବ ଖାଲି ପଡ଼ିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଜିଲାର ବିଭିନ୍ନ ଶ୍ରମିକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଏପରିକି ନିର୍ମାଣ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇପାରୁନାହାନ୍ତି। ସେମାନେ ବିଲ୍ ପୈଠ କରିଥିଲେ ମଧ୍ୟ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ସୁଫଳ ସେମାନଙ୍କ ପାଖରେ ପହଞ୍ଚିପାରିନାହିଁ। ଜିଲା ଶ୍ରମ କାର୍ଯ୍ୟାଳୟରେ ୧ ଲକ୍ଷ ୩୬ ହଜାର ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଛଟେଇ ଓ ଭବିଷ୍ୟନିଧି ପାଣ୍ଠି ସଂକ୍ରାନ୍ତୀୟ ଅଭିଯୋଗ ଫଇସଲା ହୋଇପାରୁନାହିଁ। ଏହା ବ୍ୟତୀତ ୬୭୦ଜଣ କର୍ମଚାରୀଙ୍କ କ୍ଷତିପୂରଣର ଅଭିଯୋଗ ଶୁଣାଣି ହୋଇନାହିଁ। ଏହାଛଡ଼ା କାର୍ଯ୍ୟାଳୟରେ ୨ ଜଣ କିରାଣି, ୱାଚମ୍ୟାନ, ଲେବର ଇନ୍ସପେକ୍ଟର, ପିଅନ ଆବଶ୍ୟକ ସଂଖ୍ୟକ ନାହାନ୍ତି। ବିଶେଷକରି ଜିଲା ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ଶ୍ରମିକଙ୍କ ସମସ୍ୟା ଦୂର ହୋଇପାରୁନାହିଁ। ଏ ସମ୍ପର୍କରେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି, ଏହି କାର୍ଯ୍ୟାଳୟରେ ପଦବୀଗୁଡ଼ିକ ପୂରଣ କରିବା ସହ ତୁରନ୍ତ ନିର୍ମାଣ ଶ୍ରମିକଙ୍କ ପ୍ରାପ୍ୟ ଯୋଗାଇ ଦେବାପାଇଁ ଦାବି କରିଛନ୍ତି। ମାସେ ମଧ୍ୟରେ ପଦବୀ ପୂରଣ ନ ହେଲେ ସେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ନୃସିଂହ ପୁହାଣ କୁହନ୍ତି, ଶ୍ରମିକଙ୍କ ସମସ୍ୟା ଦୂର କରିବା ପାଇଁ ଯାଜପୁରରୋଡ଼ଠାରେ ପ୍ରଥମେ ଜିଲା ଶ୍ରମ କାର୍ଯ୍ୟାଳୟ ଥିଲା। ପରେ ଉପଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ହେଲା। କଳିଙ୍ଗନଗର ଶିଳ୍ପାଞ୍ଚଳର ଶ୍ରମିକଙ୍କ ସମସ୍ୟା ବୃଦ୍ଧି ପାଇବା ଯୋଗୁ ଯାଜପୁରରୋଡ଼ ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ସେଠାରେ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଖୋଲାଯାଇଛି। କିନ୍ତୁ ନାମକୁ ମାତ୍ର ସରକାରୀ କାଗଜ କଲମରେ ଦପ୍ତର ଖୋଲାଯାଇଥିଲେ ହେଁ କାର୍ଯ୍ୟାଳୟ ଚଳାଇବାପାଇଁ ପଦାଧିକାରୀ ନାହାନ୍ତି। ଏ ଦିଗରେ ତୁରନ୍ତ ଧ୍ୟାନ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଶ୍ରମିକ ନେତା ପରମାନନ୍ଦ ସେଠୀ କୁହନ୍ତି, ତୁରନ୍ତ ଜିଲା ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ନିର୍ମାଣ ଶ୍ରମିକଙ୍କର ପ୍ରାପ୍ୟ ଯୋଗାଇ ଦିଆ ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ। ଏ ସମ୍ପର୍କରେ ଡେପୁଟି ଲେବର କମିଶନର ସୁନୀଲ କୁମାର ସାହୁଙ୍କୁ ପଚାରିବାରୁ, ଶ୍ରମିକଙ୍କ ସମସ୍ୟା ଦୂର କରାଯାଉଛି। ଡିଏଲଓ ନ ଥିବାରୁ ଅସୁବିଧା ହେଉଛି। ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ନିର୍ମାଣ ଶ୍ରମିକଙ୍କ ପ୍ରାପ୍ୟ ଅବିଳମ୍ବେ ପ୍ରଦାନ କରାଯିବ ବୋଲି କହିଛନ୍ତି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।

-ମନୋଜ ଦାସ

## ସଂକ୍ଷେପରେ

### ମୃତ ନବଜାତ ଶିଶୁକୁ କୁକୁର ଖାଇଲା

**ବାଲେଶ୍ୱର ଅଫିସ,୨୬।୬:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଅପରାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମୁଖ୍ୟ ଚିକିତ୍ସାଳୟର ମା' ଓ ଶିଶୁ ବିଭାଗ ନିକଟରେ ଏକ ନବଜାତ ଶିଶୁର ମୃତଦେହକୁ କୁକୁରମାନେ ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ସେଠାରେ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ଏହି ଦୃଶ୍ୟ ଦେଖି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ମେଡ଼ିକାଲର ଝାଡୁଦାର ମୃତ ଶିଶୁକୁ ସେଠାରୁ ନେଇ ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ଏ ଶିଶୁଟି କାହାର ଓ କେଉଁ ପରିସ୍ଥିତିରେ ସେଠାକୁ ଆସିଲା ସେ ବିଷୟରେ ମେଡ଼ିକାଲ ପକ୍ଷରୁ କୌଣସି ସୂଚନା ମିଳି ନାହିଁ। କିଛିଦିନ ପୂର୍ବରୁ ଏମିତି ଏକ ଘଟଣା ସୋର ମେଡ଼ିକାଲ ପରିସରରେ ଘଟିଥିଲା। ପୁନଶ୍ଚ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟିବା ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି।

### ସେବାଶ୍ରମ ଛାତରୁ କଂକ୍ରିଟ୍ ଖସି ୨ ଶିକ୍ଷୟିତ୍ରୀ ଗୁରୁତର

**ରାଇରଙ୍ଗପୁର, ୨୬।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବିଜାତଲା ଥାନା ଅନ୍ତର୍ଗତ ମୁଣ୍ଡାଠାକୁରା ଗ୍ରାମସ୍ଥିତ ଆଦିବାସୀ ହରିଜନ ବିଭାଗୀୟ ସେବାଶ୍ରମ ଛାତରୁ କଂକ୍ରିଟ୍ ଖଣ୍ଡ ଖସି ଦୁଇ ଶିକ୍ଷୟିତ୍ରୀ ଗୁରୁତର ଆହତ ହୋଇଛନ୍ତି। ଶିକ୍ଷୟିତ୍ରୀ ସୁନୀତା ମୁର୍ମୁ ଏବଂ ରଞ୍ଜିତା ବେହେରା ବୁଧବାର କମନରୁମ୍‌ରେ ବସିଥିବା ବେଳେ ଉଭୟଙ୍କ ମୁଣ୍ଡ ଉପରେ କଂକ୍ରିଟ୍ ଖଣ୍ଡ ଖସି ପଡିଥିଲା। ଗୁରୁତର ଆହତ ୨ ଶିକ୍ଷୟିତ୍ରୀଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ସକାଶେ ଭର୍ତ୍ତି କରାଯାଇଛି। ଉକ୍ତ ଆଦିବାସୀ ହରିଜନ ସେବାଶ୍ରମ ଶିକ୍ଷାନୁଷ୍ଠାନର ଗୃହ ଦୀର୍ଘବର୍ଷ ଧରି ମରାମତି ନ ହେବାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଖବରପାଇ ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ ଆଇଟିଡିଏ ସଂସ୍ଥାର ୨ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

### ଧଳାପେଚା ଉଦ୍ଧାର



**ବଉଳା, ୨୬।୬(ଡି.ଏନ.ଏ.)-** ହାଟଡିହୀ ବ୍ଲକ ହଦଗଡ଼ ବନବିଭାଗ ଏକ ଧଳା ପେଚା ଉଦ୍ଧାର କରିଛି। ଜଳସରପୁର ଗ୍ରାମର ଅନାଦି ସ୍ୱାଇଁଙ୍କ ଘର ଭିତରକୁ ଧଳା ପେଚାଟି ପଶିଯିବାରୁ ଫ୍ୟାନ ବ୍ଲେଡ଼ରେ ଆହତ ହୋଇପଡ଼ିଥିଲା। ଏହାକୁ ନେଇ ହଦଗଡ଼ ବନବିଭାଗକୁ ଖବର କରାଯିବାରୁ ବିଭାଗର ଦୁର୍ଯ୍ୟୋଧନ ପାଢ଼ୀ ଓ ପରମାନନ୍ଦ ମୁଣ୍ଡା ପହଞ୍ଚି ପେଚାକୁ ଉଦ୍ଧାର କରିଥିଲେ।ଆହତ ପେଚାକୁ ମରେଇଗାଁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା।ପରେ ତାକୁ ହଦଗଡ଼ ଜଙ୍ଗଲରେ ଛାଡ଼ିଦିଆଯାଇଛି।

### ଘର ଭିତରକୁ ମାଡ଼ିଗଲା ଧାନ ବୋଝେଇ ଟ୍ରକ୍

**ବଡ଼ସାହି,୨୬।୬(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରୁ ଧାନ ବୋଝେଇ କରି ଯାଉଥିବା ଏକ ଟ୍ରକ (ନଂ. ଓଡ଼ି୦୧ଭି-୪୯୯୯) ଭାରସାମ୍ୟ ହରାଇ ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱରେ ପାଚେରି ଭାଙ୍ଗି ଏକ ଘର ମଧକୁ ପଶିଯାଇଥିଲା। ଏଥିଯୋଗୁ ବୈଶିଙ୍ଗା ଥାନା ମାଣତ୍ରୀ ପଞ୍ଚାୟତ ଆଙ୍କପୁରା ଗ୍ରାମର କୌସ୍ତୁଭ ମିଶ୍ରଙ୍କ ପାଚେରି ଭାଙ୍ଗିବା ସହିତ ଘର କାନ୍ଥ ଆଂଶିକ ଭାବେ ଭାଙ୍ଗିଯାଇଛି। ଘଟଣାରେ କେହି ଆହତ ହୋଇନାହାନ୍ତି।ତେବେ ରାତିରେ ଶୋଇଥିବା କୌସ୍ତୁଭଙ୍କ ପରିବାର ଲୋକେ ଏକ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି।ଧାନ ବୋଝେଇ ଟ୍ରକଟି ପଶ୍ଚିମବଙ୍ଗର ଗୋପି ଅଞ୍ଚଳକୁ ଯାଉଥିବା ବେଳେ ଦୁର୍ଘଟଣାସ୍ଥଳ ପୂର୍ବରୁ ଏହାର ପତି ଭାଙ୍ଗିଯାଇଥିଲା। ଫଳରେ ରାସ୍ତାର ଡାହାଣ ପାର୍ଶ୍ୱକୁ ଟାଣି ହୋଇଯିବାରୁ ଚାଳକ ନିୟନ୍ତ୍ରଣ ରକ୍ଷା କରିପାରି ନ ଥିଲେ।ବିଦ୍ୟୁତ ତାର ଟ୍ରକରେ ବାଜି ନିଆଁ ବାହାରିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ।ଘଟଣାରେ କେହି ଆହତ ହୋଇ ନାହାନ୍ତି। ତେବେ ରାତିରେ ଶୋଇଥିବା ପରିବାର ଲୋକେ ଏକ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକଟିକୁ ଜବତ କରିଛି।

# ୩.୨୭ କୋଟି ଟଙ୍କା ଜଳକର ବାକି

**ଯାଜପୁର, ବ୍ୟାସନଗର ପୌରାଞ୍ଚଳ**

■ ଅକୃତକାର୍ଯ୍ୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଯାଜପୁର ଅଫିସ,୨୬।୬

ଜନସ୍ୱାସ୍ଥ୍ୟ ବିଭାଗ କଟକ ଡିଭିଜନ-୨ ଅନ୍ତର୍ଗତ ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ସହରରେ ଗତ ମେ ମାସ ସୁଦ୍ଧା ୩ କୋଟି ୨୭ ଲକ୍ଷ ୧୮ ହଜାର ୬୧ ଟଙ୍କା ଜଳକର ବାକି ପଡିଛି। ଏଥି ମଧ୍ୟରୁ ବ୍ୟାସନଗର ସହରରେ ସର୍ବାଧିକ ୨କୋଟି ୨୦ଲକ୍ଷ ୫୯ ହଜାର ୨୬୫ ଟଙ୍କା ବାକି ରହିଥିବାବେଳେ ଯାଜପୁର ଟାଉନରେ ୧କୋଟି ୬ଲକ୍ଷ ୫୮ ହଜାର ୭୯୬ ଟଙ୍କା ଜଳକର ବାବଦକୁ ଟିକସ ବାକି ରହିଛି। ତେଣୁ ସ୍ୱତନ୍ତ୍ର ସ୍କ୍ୱାର୍ଡ, ସଚେତନତା, ମାଇକ୍‌ରେ ପ୍ରଚାର, ଫ୍ଲେକ୍ସ ଆଦି ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଜଳକର ଆଦାୟ କରିବାକୁ କଟକ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଗିଦ କରାଯାଇଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ବ୍ୟାସନଗର ପୌରାଞ୍ଚଳରେ ଲୋକସଂଖ୍ୟା ଦେଢ ଲକ୍ଷ ଟପିଲାଣି। ଏଠାରେ ସରକାରୀ ଓ ବେସରକାରୀ ତଥା ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ମୋଟ ୬୮୯୬ଟି ପାଇପ୍ ଜଳ ସଂଯୋଗ ହୋଇଛି। ୧।୪।୨୦୧୯ ସୁଦ୍ଧା ସହରରେ ୧କୋଟି ୪୨ଲକ୍ଷ ୯ହଜାର ୨୦୩ ଟଙ୍କା ବାକି ରହିଥିଲା। ତେବେ ୨୦୧୯-୨୦ ଆର୍ଥିକ ବର୍ଷରେ ୮୭ଲକ୍ଷ ୪୨ହଜାର ୭୭ଟଙ୍କା ଅସୁଲ କରିବାକୁ ଧାର୍ଯ୍ୟ ହୋଇଥିଲା।ଗତ ଆର୍ଥିକ ବର୍ଷର ବକେୟା ଟଙ୍କାକୁ ମିଶାଇ ସମୁଦାୟ ୨କୋଟି ୨୯ଲକ୍ଷ ୫୧ହଜାର ୨୮୦ ଟଙ୍କା ହେଉଥିଲା। ତେବେ ମେ ଶେଷ ସୁଦ୍ଧା ମାତ୍ର ୮ଲକ୍ଷ ୯୨ହଜାର ୧୯ ଟଙ୍କା ଅସୁଲି ହୋଇପାରିଛି। ଫଳରେ ୨,୨୦,୫୯,୨୬୫ ଟଙ୍କା ବାକି ରହିଛି। ଏଥିରେ ୨୫ଟି ଅନୁଷ୍ଠାନରେ ୧୦ ଲକ୍ଷ ୩୮ ହଜାର ୪୮୬ ଟଙ୍କା ବାକି ରହିଛି। ଅନ୍ୟପକ୍ଷେ ଗତ ୫ ବର୍ଷ ମଧ୍ୟରେ ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ସହରରେ କେବଳ ଜଳ ଯୋଗାଣ ବାବଦକୁ ନେଇ ପ୍ରାୟ ୫୦ କୋଟି ଟଙ୍କା ସରକାର ଖର୍ଚ୍ଚ କରିଥିବେ। ହେଲେ ଏଠାରେ ଜଳଯୋଗାଣ ବ୍ୟବସ୍ଥାରେ ସୁଧାର ହୋଇପାରୁ ନାହିଁ। ବିରଜାକ୍ଷେତ୍ର ଭାବେ ପରିଚିତ ଯାଜପୁର ପୌରାଞ୍ଚଳରେ ମଧ୍ୟ ଜଳକର ଆଦାୟ ସନ୍ତୋଷଜନକ ହୋଇପାରି ନାହିଁ। ଏହି ସହରରେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ୨୯୫୮ଟି ପାଇପ ଜଳ ସଂଯୋଗ ହୋଇଛି। ୧।୪।୨୦୧୯ ସୁଦ୍ଧା ଏଠାରେ ୭୪୭୯୨୨୬ ଟଙ୍କା ବାକି ରହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ୩୪,୪୭,୯୪୯ ଟଙ୍କା ଆଦାୟ କରିବାକୁ ଧାର୍ଯ୍ୟ ହୋଇଥିଲା। ଏଭଳି ଭାବେ ବକେୟା ଜଳକରକୁ ମିଶାଇ ମୋଟ ୧,୦୯,୨୭,୧୭୫ ଟଙ୍କା ଆଦାୟ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ମେ ସୁଦ୍ଧା ମାତ୍ର ୨,୬୮,୩୭୯ ଟଙ୍କା ଅସୁଲ ହୋଇ ପାରିଥିଲା। ଫଳରେ ୧,୦୬,୫୮,୭୯୬ ଟଙ୍କା ବାକି ପଡିଛି। ଏହି ଦୁଇ ପୌରାଞ୍ଚଳର କୋଟିକୋଟି ଟଙ୍କାର ବକେୟା ଜଳକରକୁ ନେଇ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ କଟକ ଜନସ୍ୱାସ୍ଥ୍ୟ ବିଭାଗ-୨ର ନିର୍ବାହୀ ଯନ୍ତ୍ରୀ ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳର ସହକାରୀ ଯନ୍ତ୍ରୀଙ୍କୁ ଯେକୌଣସି ପ୍ରକାରେ ଜଳକର ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶପତ୍ରରେ ସେ ଦର୍ଶାଇଛନ୍ତି ଯେ, ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ରାଜସ୍ୱ ଜଳକର ଠିକ୍ ଭାବେ ଆଦାୟ ହୋଇପାରି ନାହିଁ। ଯେଉଁ ଅଧିକାରୀ ଶତପ୍ରତିଶତ ଜଳକର ଆଦାୟରେ କୃତକାର୍ଯ୍ୟ ହୋଇପାରିବେ ନାହିଁ, ସେମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ମଧୁସୂଦନନଗର-ଗାୟତ୍ରୀ ବିହାର ରାସ୍ତା ଶୋଚନୀୟ



ରାସ୍ତାରେ ପାଣି ଜମିରହିଛି।

ଯାଜପୁରରୋଡ,୨୬।୬(ନି.ପ୍ର.)

ବ୍ୟାସନଗର ସହରର ବିଭିନ୍ନ ରାସ୍ତାଘାଟ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ମାସେ ହେଲା ଡ୍ରେନ୍‌ଗୁଡିକ ଖୋଳାଯାଇଥିବାବେଳେ ରାସ୍ତା ନିର୍ମାଣ କରାଯାଇନାହିଁ। ସେହିପରି ରାଧାନାଥ ମାର୍ଗରେ ଡ୍ରେନ୍ ନିର୍ମାଣ ଅସମ୍ପୂର୍ଣ୍ଣ ହୋଇପଡିରହିଛି। ବର୍ଷା ହେଲେ ସହରର ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏଥିପ୍ରତି କେହି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ୯ନଂ. ୱାର୍ଡର ମଧୁସୂଦନନଗର ସରସ୍ୱତୀ ଶିଶୁମନ୍ଦିରଠାରୁ-ଗାୟତ୍ରୀ ବିହାର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପୌର ପରିଷଦ ଭାଙ୍ଗିଗଲା ପରେ ଏହି ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇନାହିଁ। ସେହିପରି ସହରର ବିଭିନ୍ନ ଡ୍ରେନ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସପନ ନନ୍ଦଙ୍କୁ ପଚାରିବାରୁ, ପୂର୍ତ୍ତ ବିଭାଗ ଉନ୍ନତି ଯୋଜନାରେ କାର୍ଯ୍ୟ କରୁଛି। ପୌର ପରିଷଦର ଅର୍ଥରେ ନିର୍ମାଣ ହେଉଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ନିଜେ କାର୍ଯ୍ୟ ତଦାରଖ କରିବା ସହ ୭ ଦିନ ମଧ୍ୟରେ ଶେଷ କରିବେ ବୋଲି କହିଛନ୍ତି।

■ ଫନୀରେ ଉଡ଼ିଥିଲା ବିଦ୍ୟାଳୟ ଛପର

# ଗଛମୂଳେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର

କାଳିଆପାଣି,୨୬।୬(ଡି.ଏନ୍.ଏ.)

୨୦୧୬ ନଗଡା ଅପପୁଷ୍ଟି ଘଟଣାପରେ ନଗଡାର ବିକାଶ କ୍ଷେତ୍ରରେ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ଜୁଆଙ୍ଗ ଜନଜାତିଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଗମନାଗମନ ଉପରେ ଗୁରୁତ୍ୱ ଦିଆଯିବା ସହ ଚାଲିଚଳଣିରେ ପରିବର୍ତ୍ତନ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ନଗଡା ଅପହଞ୍ଚ ତୁମୁଣୀ ଓ ଗୁହିଆଶାଳ ଗ୍ରାମରେ ଅଦ୍ୟାବଧି ରାସ୍ତା ସଂଯୋଗୀକରଣ ହୋଇ ପାରି ନାହିଁ। ଏହି ୨ ଗ୍ରାମର ବିକାଶ କେବଳ କାଗଜ କଲମରେ ରହିଛି। ସରକାରୀ ଯୋଜନା ବିଜୁ ପକ୍କାଘର, ବିଜୁସ୍ୱାସ୍ଥ୍ୟ ଯୋଜନା, ସ୍କୁଲଗୃହ ନିର୍ମାଣ, ସ୍ୱାସ୍ଥ୍ୟସେବା ପରି ବିଭିନ୍ନ ସରକାରୀ ଯୋଜନା ଗ୍ରାମରେ କାର୍ଯ୍ୟକାରୀ ହୋଇପାରି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଗୁହିଆଶାଳ ଗ୍ରାମରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଟାଟା ଷ୍ଟିଲ୍ ଓ ତୁମୁଣି ଗ୍ରାମରେ ଖଣି ନିଗମ ପକ୍ଷରୁ ୨ଟି ଶ୍ରେଣୀଗୃହ ନିର୍ମାଣ କରାଯାଇଛି। ଏଥିରେ ଗ୍ରାମର କୋମଳମତି ପିଲାଙ୍କୁ ଆସ୍ୱେୟାର ସଂସ୍ଥା ପକ୍ଷରୁ ଶିକ୍ଷକ ନିଯୁକ୍ତି



ବିଦ୍ୟାଳୟର ଛପର ଉଡ଼ିଯାଇଛି।

କରାଯାଇ ଶିକ୍ଷା ଦାନ କରାଯାଉଛି। ହେଲେ ଫନୀ ମହାବାତ୍ୟାରେ ତୁମୁଣୀ ଗ୍ରାମରେ ନିର୍ମିତ ହୋଇଥିବା ସ୍କୁଲ ଛପର ଉଡିଯାଇଛି। ଅପରପକ୍ଷେ ଗୁହିଆଶାଳଠାରେ ଥିବା ସ୍କୁଲ ଘରଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଫଳରେ ଛାତ୍ରୀଛାତ୍ରମାନେ ଗଛମୂଳରେ ପାଠ ପଢୁଛନ୍ତି। ବର୍ଷା ସମୟରେ ପାଠପଢା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏ ନେଇ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଉଭୟ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ବିଶ୍ୱଜିତ ଦାସଙ୍କୁ ପଚାରିବାରୁ, ଏ ବାବଦରେ ତାଙ୍କ ନିକଟରେ ଅଭିଯୋଗ ହୋଇ ନାହିଁ। ଅଭିଯୋଗ ପରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## କବି ଅନ୍ନପୂର୍ଣ୍ଣା ଦାଶଙ୍କ ପରଲୋକ

ପାଟଣା, ୨୬।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ତଥା କବି ଅନ୍ନପୂର୍ଣ୍ଣା ଦାଶ ୬୨ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତିରେ ଡୁବୁରୀ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ବୁଧବାର ତାଙ୍କ ମରଶରୀରକୁ ମଙ୍ଗଳପୁର ଗ୍ରାମରୁ ନେଇ ପୈତୃକ ଗ୍ରାମ ଦୁର୍ଗାଦେଇପୁର ଶାସନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ବହୁ ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟ ସାଧକ ତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଗାପୀନାଥ ଦାଶ, ବଡ଼ପୁଅ ସୁଜିତ କୁମାର ଦାଶ, ସାନପୁଅ ସବୀର କୁମାର ଦାଶ, ପୁତ୍ର ବଧୂ ନାତି ନାତୁଣୀ ଓ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ପବିତ୍ର ବୈତରଣୀ ନଦୀ କୂଳର ଦୁର୍ଗାଦେଇ ପୁର ଶ୍ମଶାନ ଘାଟରେ ଅନ୍ନପୂର୍ଣ୍ଣାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସାନ ପୁଅ ସବୀର କୁମାର ଦାଶ ତାଙ୍କୁ ମୁଖାଗ୍ନି ଦେଇଥିଲେ। ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ସନାତନ ଦାଶ, ଲକ୍ଷ୍ମଣ କୁମାର ଦାଶ, କୃଷ୍ଣଚନ୍ଦ୍ର ଦାଶ, ବୀରକିଶୋର ଦାଶ, କିଶୋର ଚନ୍ଦ୍ର ମହାନ୍ତ, ମହେଶ୍ୱର ପୃଷ୍ଟି ଓ କାମିନୀ କାନ୍ତ ଦ୍ୱିବେଦୀ ପ୍ରମୁଖ ଅନ୍ନପୂର୍ଣ୍ଣାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଥିଲେ।

■ ଧର୍ମଶାଳା ବ୍ଲକରେ ନାହାନ୍ତି ଆବଶ୍ୟକ ଶିକ୍ଷକ

# ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ

ଧର୍ମଶାଳା୨୬।୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳରେ ସର୍ବଶିକ୍ଷା ଅଭିଯାନ ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୬ ହଜାର ୨୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟିରେ ରଖି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୩୩ଜଣ ଛାତ୍ରୀଛାତ୍ରଙ୍କ ପିଛା ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ନିୟମ ରହିଛି। କିନ୍ତୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ଆବଶ୍ୟକ ମୁତାବକ ଶିକ୍ଷକ ରହୁ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଧର୍ମଶାଳା ବ୍ଲକରେ ୭ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ କାର୍ଯ୍ୟ କରୁଥିବାବେଳେ ଅବଶିଷ୍ଟ ୧୧୦ ଶିକ୍ଷକ ଆବଶ୍ୟକତା ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ନିଯୁକ୍ତି ନେଇ କେତେଜଣ ଅଭିଭାବକ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡିଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ନାମ ଲେଖା ଚାଲିଛି। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସ୍କୁଲଗୁଡିକ ଖୋଲାଯାଇ ପାଠପଢା ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ପ୍ରଥମ ଶ୍ରେଣୀରେ ବର୍ତ୍ତମାନ ସୁଦ୍ଧା ୩୨୫୦ ଜଣ, ୨ୟ ଶ୍ରେଣୀରେ ୩୩ଶହ, ୩ୟ ଶ୍ରେଣୀରେ ୩୧ଶହ, ୪ର୍ଥ ଶ୍ରେଣୀରେ ୩୨୧୦, ୫ମରେ ୩୧୫୦, ଷଷ୍ଠରେ ୩୩୮୫, ସପ୍ତମରେ ୩୪୦୦, ଅଷ୍ଟମରେ ୩୪୨୫ଜଣଙ୍କୁ ମିଶାଇ ମୋଟ ୨୬,୨୨୦ଜଣ ନାମ ଲେଖାଇ ଅଧ୍ୟୟନ କରୁଛନ୍ତି। ହେଲେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଏବିଇଓ ଅକ୍ଷୟ କୁମାର ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରୁ, ଖାଲି ପଡିଥିବା ୧୧୦ଜଣ ଶିକ୍ଷକ ପଦବୀ ପୂରଣ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି।

# ବାପାଙ୍କୁ ହତ୍ୟା କରିଥିବା ପୁଅକୁ ଆଜୀବନ ଜେଲ

ଆନନ୍ଦପୁର, ୨୬।୬(ସ୍ୱ.ପ୍ର.)

ବାପାଙ୍କୁ ହତ୍ୟା କରିଥିବା ପୁଅକୁ ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୬ ଜୁନ୍ ୨୩ରେ ଏହି ଘଟଣା ଘଟିଥିଲା। କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଝୋ ଗ୍ରାମର ଦେବକାନ୍ତ ରାଉତ(୪୬) ବାପା ନାରାୟଣ ରାଉତଙ୍କୁ କୁରାଢିରେ ହାଣି ହତ୍ୟା କରିଥିଲେ। ପ୍ରକାଶ ଯେ, ଘଟଣା ଦିନ ଦେବକାନ୍ତ ବଞ୍ଝୋ ଛକରେ ରହୁଥିବା ବାପାଙ୍କ ପାଖକୁ ଆସି ୨୦ ହଜାର ଟଙ୍କା ମାଗିଥିଲେ। ବାପା ଏଥିରେ ଅସମର୍ଥ ପ୍ରକାଶ କରିଥିଲେ। ଏହାପରେ ସେ ମା'ଙ୍କ ସହିତ ଝଗଡା କରି ଆଲମିରାରୁ ଟଙ୍କା, ସୁନା ରୁପା ଗହଣା ଆଦି ନେଇଯାଉଥିବାବେଳେ ବାପା ଏହାକୁ ବିରୋଧ କରିଥିଲେ। ଉତ୍ତ୍ୟକ୍ତ ହୋଇ ଦେବକାନ୍ତ ଧରିଥିବା ଏକ କୁରାଢିରେ ନାରାୟଣଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନାରାୟଣ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ୨୦୧୬ ଜୁନ ୨୮ରେ ତାଙ୍କର ମୃତ୍ୟୁ ଘଟିଥିଲା। ମା'ଙ୍କ ଏତଲା ଅନୁଯାୟୀ ଆନନ୍ଦପୁର ଥାନାରେ ଏକ ମାମଲା (ନଂ.୧୦୬/୧୬) ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଏସ.ଟି. କେସ୍ ନଂ ୫୩/୨୦୧୯/ ୨୦୧୭/୧୬ରେ ୧୦ ବର୍ଷ ଜେଲଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡରେ ଦୋଷୀ ଦଣ୍ଡିତ ହେବେ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ୩୦୨ ଦଫା ଅନୁଯାୟୀ ଦେବକାନ୍ତଙ୍କୁ ଆଜୀବନ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡରେ କୋର୍ଟ ଦଣ୍ଡିତ କରିଛନ୍ତି।

## ଗଛରେ ବାନ୍ଧି ମହିଳାଙ୍କୁ ପିଟିଲେ, ଥାନାରେ ମାମଲା ରୁଜୁ

**ଜଳେଶ୍ୱର, ୨୬।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ଅନ୍ତର୍ଗତ ଶାସନବାଡ଼ି ଅଞ୍ଚଳର ଜଣେ ମହିଳାଙ୍କୁ ଅନ୍ୟ ଏକ ପଡୋଶୀ ପରିବାରର ଲୋକେ ଘରୁ ଘୋଷାଡ଼ି ଆଣି ପାଖରେ ଥିବା ଏକ ଗଛରେ ବାନ୍ଧି ପିଟାମରା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୩୨।୧୯) ରୁଜୁ କରି ତଦନ୍ତ କରୁଛି। ଆହତ ମହିଳାଙ୍କୁ ଡାକ୍ତରଖାନାରେ ପୋଲିସ ଚିକିତ୍ସା କରାଇ ଘଟଣାର ତଦନ୍ତ ଆରମ୍ଭ କରିଛି। କିଛିଦିନ ପୂର୍ବରୁ ଏହି ମହିଳାଙ୍କ ଭାଇ ଜଣୈକ ଯୁବତୀଙ୍କୁ ନେଇ କୁଆଡ଼େ ଚାଲି ଯିବା ଘଟଣା ନେଇ ଦୁଇ ପରିବାର ମଧ୍ୟରେ ଏଭଳି ଗଣ୍ଡଗୋଳ ଘଟିଥିବା ଥାନା ଏଏସ୍‌ଆଇ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

■ ଭୀମ ଭୋଇ ସାମର୍ଥ୍ୟ ଶିବିରକୁ ବିତିଲା ୬ ମାସ

# ଦିବ୍ୟାଙ୍ଗଙ୍କୁ ମିଳିପାରୁନି ସହାୟତା

ଧର୍ମଶାଳା,୨୬।୬(ଡି.ଏନ୍.ଏ.)

ରାଜ୍ୟ ଦିବ୍ୟାଙ୍ଗ ସାମର୍ଥ୍ୟ ସଶକ୍ତୀ କରଣ ବିଭାଗ ସହାୟତାରେ ଧର୍ମଶାଳା ବ୍ଲକ ପକ୍ଷରୁ ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅଭିଯାନ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଛି। ହେଲେ ଦିବ୍ୟାଙ୍ଗଙ୍କୁ ସରକାରୀ ପ୍ରମାଣପତ୍ର ସହ ଆବଶ୍ୟକୀୟ ସରଞ୍ଜାମ ପ୍ରଦାନ କରାଯାଇ ପାରି ନାହିଁ। ଏହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଡିସେମ୍ବର ୧୮ ତାରିଖରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ ଜିଲା ନୋଡାଲ ଅଫିସର ତଥା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଜିଲାପାଳ ରଞ୍ଜନ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ଧର୍ମଶାଳା ବିଡିଓ ଅମ୍ବିକା ପ୍ରସାଦ ଦାଶ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ପଞ୍ଜୀକୃତ ହୋଇଥିବା ୧୧୯୯ ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ। ସେଥିରୁ ୨୫୯ଜଣ ମୂକ, ବଧିର ଓ ମାନସିକ ବିକୃତ, ୭୨୦ଜଣ ଅସ୍ଥିପେଡିକସ୍, ୧୪୪ଜଣ ଚକ୍ଷୁ, ୪୮ ନାଶା,ଗଳା ଓ କର୍ଣ୍ଣ, ୨୮ ଭେଷଜ ରୋଗରେ ପୀଡିତ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରାଯାଇଥିଲା। ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କୁ ପରେ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ମାତ୍ର ଅଦ୍ୟାବଧି ସେମାନଙ୍କୁ ପ୍ରମାଣପତ୍ର ସହ ଆବଶ୍ୟକ ସାମଗ୍ରୀ ଦିଆଯାଇ ନାହିଁ। ମାତ୍ର ବ୍ଲକ ଗୋଦାମ ଘରେ କେତେକ ହ୍ୱିଲ ଚେୟାର ପଡିରହି ନଷ୍ଟ ହେଉଥିବା ଜଣାପଡିଛି। ଏ ନେଇ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ଶିବିରରେ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କୁ ସହାୟତା ନ ମିଳିବା ନେଇ ଦୃଷ୍ଟିକୁ ଆସି ନାହିଁ । ଏ ନେଇ ଜିଲା ପ୍ରଶାସନଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କୁ ପ୍ରମାଣ ପତ୍ର ସହ ଆବଶ୍ୟକୀୟ ସରଞ୍ଜାମ ଯୋଗାଇଦିଆଯିବ ବୋଲି କହିଛନ୍ତି।

# ପୋଖରୀ ଖନନ ନାଁରେ ଅର୍ଥ ହଡ଼ପ ମସୁଧା

**କୋରେଇ ବ୍ଲକ**

■ ପ୍ରଭାବଶାଳୀ ଲୋକ ପୋଖରୀ ହୁଡ଼ାରେ ଫଳକ ଲଗାଇଥିବା ଅଭିଯୋଗ

■ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ଉଲ୍ଲେଖ ନାହିଁ ଠିକାଦାରଙ୍କ ନାମ

ଯାଜପୁରରୋଡ଼,୨୬।୬(ନି.ପ୍ର.)

କୋରେଇ ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ତାହାର ତଦନ୍ତ ପାଇଁ ଦାବି କରାଯାଉଥିବାବେଳେ ଚତୁର୍ଦ୍ଦଶ ଅର୍ଥ କମିଶନରେ ମଧ୍ୟ ବ୍ୟାପକ ହରିଲୁଟ ହୋଇଥିବା ଜଣାପଡ଼ିଛି। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଏହି ବ୍ଲକର ତାହାରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ମୌଜାର ବାଉଁଶଗଡ଼ିଆ ପୋଖରୀ କୁଆଁରଦାଠାରେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ତରଫରୁ କୋରାଇ ବିଡିଓଙ୍କୁ ଅଭିଯୋଗ କରାଯାଇଥିଲା। ଗ୍ରାମବାସୀଙ୍କଠାରୁ ପ୍ରକାଶ ଯେ ୪-୫ ଦିନ ତଳେ ଏହି ପୋଖରୀରୁ ଏକ ଜେସିବି ମେଶିନ ସାହାଯ୍ୟରେ ଜଣେ ଲୋକ ନିଜ ଜମି ପୋତିବାକୁ ମାଟି ନେଇଥିଲେ। ଏହାର ସୁଯୋଗ ନେଇ କେତେଜଣ ମୁଷ୍ଟିମେୟ ଲୋକ ରାତାରାତି ଏହି ପୋଖରୀ ହୁଡ଼ାରେ ଏକ କାର୍ଯ୍ୟାଦେଶ




ଫଳକ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଫଳକରେ ଉଲ୍ଲେଖ କରାଯାଇଛି ଯେ, ପଞ୍ଚାୟତିରାଜ ବିଭାଗ ଓଡ଼ିଶା ସରକାର ପ୍ରକଳ୍ପର ନାମ ବାଉଁଶଗଡ଼ିଆ ପଙ୍କ ଉଦ୍ଧାର ଓ ତୁଠ ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚତୁର୍ଦ୍ଦଶ ଅର୍ଥ କମିଶନରେ ଏହି ପୋଖରୀ ଖୋଳିବା ପାଇଁ କାର୍ଯ୍ୟାଦେଶ ଦେଇଥିବାବେଳେ ଠିକାଦାରଙ୍କ ନାମ ଉଲ୍ଲେଖ ନାହିଁ। ଯେଉଁ ଉଦ୍ଦେଶ୍ୟରେ ଅର୍ଥ ବ୍ୟୟ ହେବାର ଫଳକରେ ଉଲ୍ଲେଖ ଅଛି ସେପରି କୌଣସି ପୋଖରୀ ଖନନ କାର୍ଯ୍ୟ ହୋଇନାହିଁ କିମ୍ବା କୌଣସି ଗୋଟିଏ ହେଲେ ତୁଠ ନିର୍ମାଣ ହୋଇନାହିଁ। ଏହି ପୋଖରୀକୁ ଦେଖାଇ ବିଲ୍ କରିବା ପାଇଁ ମସୁଧା ଚାଲିଛି। ସରକାରୀ ଅର୍ଥ ହଡ଼ପ ନେଇ ଚକ୍ରାନ୍ତ କରୁଥିବା ଜାଣି ଗ୍ରାମବାସୀ ଏ ସଂକ୍ରାନ୍ତରେ କୋରାଇ ବିଡିଓ, ଜିଲାପାଳ ଯାଜପୁର, ଭିଜିଲାନ୍ସ ଏସପି, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ନୃସିଂହ ଚରଣ ପୁହାଣ କୁହନ୍ତି, ଏହି ପୋଖରୀ ଶୁଖିଲା ପଡ଼ିଥିଲା। ଜଣେ ବ୍ୟକ୍ତି ଘର କରିବା ପାଇଁ ଏହି ପୋଖରୀରୁ ମାଟି ନେଇଥିଲେ। କିନ୍ତୁ ମାଟି ନେବା ସମୟରେ ପ୍ରକଳ୍ପର ଫଳକ ମରାଯାଇ ନ ଥିଲା। ମାଟି ନେବା ପରେ ଏହି ଫଳକ ଲଗାଯିବାର କି ଉଦ୍ଦେଶ୍ୟ ଅଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅର୍ଥକୁ ବାଟମାରଣା କରିବା ପାଇଁ ଏହା ଏକ ବିଧିବଦ୍ଧ ଯୋଜନା ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୋରେଇ ବ୍ଲକ ଦାୟିତ୍ୱରେ ଥିବା ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ, ଅଭିଯୋଗପତ୍ର ଏଯାଏ ହସ୍ତଗତ ହୋଇନାହିଁ। ଯଦି ଏହି ଘଟଣାର ସତ୍ୟାସତ୍ୟ ଥାଏ, ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁନ୍, ୨୦୧୯



## ସଂକ୍ଷେପରେ

### ସବୁଜିମା ସୁରକ୍ଷାରେ ସମର୍ପିତ ସତ୍ୟଶିବ



**କୁଜଙ୍ଗ,୨୬।୬(ସ୍ୱ.ପ୍ର.):** ପରିବେଶ ପ୍ରଦୂଷଣ ନେଇ ଚାରିଆଡ଼େ ହୋହଲ୍ଲା ହେଉଥିବା ବେଳେ ସଭାସମିତି ମାଧ୍ୟମରେ ସବୁଜିମାର ସୁରକ୍ଷା, ସବୁଜ ବଳୟ ସୃଷ୍ଟି, ଚାରାରୋପଣ ଉପରେ ଗୁରୁତ୍ୱ ସହ ବନ ବିଭାଗ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ଜନ ସଚେତନତା କରୁଛନ୍ତି। ଏହାରି ଭିତରେ କୁଜଙ୍ଗ ବ୍ଲକ୍ କୋଲଡିଆର ଯୁବକ ସତ୍ୟଶିବ ପରିଡା ସମର୍ପିତ ଢଙ୍ଗରେ ପରିବେଶ ସୁରକ୍ଷାକୁ ଜୀବନର ବ୍ରତରୂପେ ବାଛି ନେଇ ଗ୍ରାମ୍ୟ ଜଙ୍ଗଲର ବୃଦ୍ଧି ସହ ସଚେତନତା ଓ ସବୁଜିମାର ସୁରକ୍ଷାରେ ବ୍ରତୀ ହୋଇଛନ୍ତି। ଏଥିପାଇଁ ତାଙ୍କୁ କୌଣସି ପୁରସ୍କାର ମିଳି ନ ଥିଲେ ମଧ୍ୟ ନିଜର ଆତ୍ମସନ୍ତୋଷ ପାଉଥିବା ସେ କହିଛନ୍ତି। କୁଜଙ୍ଗ ଅଞ୍ଚଳରେ ପାରାଦୀପର କଳ କାରଖାନା ସବୁଜଘର ପ୍ରଭାବକୁ ରୋକିବା ପାଇଁ ତାଙ୍କର ଏହା ଗୁଣ୍ଡିଚୀ ମୂଷା ପରି ସେବା କହି ସେ ଗର୍ବ ଅନୁଭବ କରନ୍ତି। ବୟସ ୨୩ ବର୍ଷ। ଯୁବ ଅବସ୍ଥାର ନିଜ ଗ୍ରାମର ପରିବେଶ ସୁରକ୍ଷା ପାଇଁ ପ୍ରତିବର୍ଷ ଚାରାରୋପଣ କରିଆସୁଥିବା ବେଳେ ଏକଲା ଚଲୋ ନ୍ୟାୟରେ ସାଙ୍ଗ ମିଳନ୍ତୁ କି ନମିଳନ୍ତୁ ତାଙ୍କ କର୍ତ୍ତବ୍ୟ ପଥରୁ ବିଚ୍ୟୁତି ହୋଇନାହାନ୍ତି। ବିଶ୍ୱାଳୀ ସ୍ଥିତ ବାବା ବାଲୁଙ୍କେଶ୍ୱର ହାଇ ସ୍କୁଲର ମାଟ୍ରିକ୍ ପରେ ଏବେ ସେ ଇନିୟରିଂ ପଢୁଛନ୍ତି। ଚାରାରୋପଣ ପାଇଁ ବାପା ଅଜୟ କୁମାର ପରିଡା, ଯୁବ ସାମାଜିକ କର୍ମୀ ଡା. ସ୍ମୃତିରଞ୍ଜନ ମହାପାତ୍ର, ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ପଣ୍ଡିତ ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ତାଙ୍କୁ ପ୍ରେରଣା ଦେଉଥିବା ସେ ପ୍ରକାଶ କରିଛନ୍ତି।

### କୃତୀ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୨୬।୬(ସ୍ୱ.ପ୍ର.):** ଅବସରପ୍ରାପ୍ତ କୃତୀ ଶିକ୍ଷକ ଅରୁଣ କୁମାର ରଥଙ୍କ ଅକାଳ ବିୟୋଗରେ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବାଲିମଠଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି କୈଳାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅତିଥିଭାବେ କୃତୀ ଶିକ୍ଷକ ଡ. ବିଷ୍ଣୁ ଚରଣ ସ୍ୱାଇଁ, ସଂସଦ ସମ୍ପାଦକ ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ପବିତ୍ର ମୋହନ ସାଉ, ଗନ୍ଧର୍ବ ଚରଣ ସାଉ, ଅଧାପକ ଅଶୋକ ସାମଲ, ଜନତା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଶିକ୍ଷାବିତ୍ ମନୁଚରଣ ନାୟକ, ବସନ୍ତ ଦେଠୀ, ସରୋଜକାନ୍ତ ସ୍ୱାଇଁ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ସୁଶ୍ରୀ ସ୍ମିତା ଦାସ ଓ ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିବା ସହିତ ତାଙ୍କ ଗୁଣ ଗାନ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଅସହ୍ୟ ଗରମ ସାଙ୍ଗକୁ ବିଜୁଳି କାଟ୍ ଜନଜୀବନ ଅସ୍ତବ୍ୟସ୍ତ

**କୁଜଙ୍ଗ,୨୬।୬(ସ୍ୱ.ପ୍ର.):** ପଶ୍ଚିମ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ଲହରୀ ଆଶାଢ଼ରେ ବି ଦେଖାଦେଇଛି। କୁଜଙ୍ଗ ପରି ଉପକୂଳ ଅଞ୍ଚଳରେ ପାରଦ ୪୦.୬ରେ ପହଞ୍ଚିଥିବା ବେଳେ ଜଳ ଉତ୍ସ ସୁଖି ଯାଇଥିବା ଯୋଗୁ ପଶୁପକ୍ଷୀ ମଧ୍ୟ ତ୍ରାହିତ୍ରାହି ଡାକୁଛନ୍ତି। କେବଳ ସେତିକି ନୁହେଁ ବହୁ ନଳକୂପ ଅଚଳ ହୋଇଥିବା ଯୋଗୁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଜଳ କଷ୍ଟ ଦେଖାଦେଇଛି। ସେହିପରି ଗରମ ଓ ଗୁଳଗୁଳି ସାଙ୍ଗକୁ ଘନଘନ ବିଦ୍ୟୁତ୍ କାଟ ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପକ୍ଷରେ ଏହି ଗରମ ଯୋଗୁ ଧନୀ ବ୍ୟକ୍ତି ବଜାରରୁ ଥଣ୍ଡା ପାଣି କିଣି ତୃଷ୍ଣା ମେଣ୍ଟାଉଥିବା ବେଳେ ସାଧାରଣ ଜନତା ବିଭିନ୍ନ ଜଳ ଉତ୍ସ କିମ୍ବା ନଳକୂପ ଉପରେ ନିର୍ଭର କରୁଛନ୍ତି। ମାତ୍ର ଏହି ସବୁ ନଳକୂପରୁ ଦୂଷିତ ପାଣି ବାହାରୁଥିବା ବେଳେ ଗରମ ଯୋଗୁ ସାଧାରଣ ଜନତା ଏହି ଦୂଷିତ ଜଳ ପାନ କରୁଥିବା ଦେଖିବାକୁ ମିଳୁଛି।

## ■ ଚୋରା ମାଦକ ଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ

# ବୁଲୁଛି ଧଳା କାର, ଟଙ୍କା ନ ଦେଲେ ବେପାର ବନ୍ଦ ଚେତାବନୀ

**ଜଗତ୍‌ସିଂହପୁର ଅଫିସ,୨୬।୬**

ଜଗତ୍‌ସିଂହପୁର ଜିଲାରେ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଥିବାରୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ ମହିଳା ଗୋଷ୍ଠୀ ପକ୍ଷରୁ ବିରୋଧର ସ୍ୱର ଉଠିଲାଣି। ଏପରି କି ଦିନକୁ ଦିନ ଆନ୍ଦୋଳନ ଉଗ୍ରରୂପ ନେଉଛି। ତେବେ ପରିତାପର କଥା ହେଲା ଏହି ଆନ୍ଦୋଳନ କଙ୍କଡ଼ାକୁ ଗୋଳିପାଣି ସୁହାଇଲା ଭଳି ହେଲାଣି। ଆନ୍ଦୋଳନ ଯୋଗୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ମାଦକ ଦ୍ରବ୍ୟ କାରବାର ଚାଲିଥିବା ସ୍ଥାନରେ ଚଢାଉ କରି ନିଜ ମନ୍ଦ ଉଦ୍ଦେଶ୍ୟ ସାଧନ କରିବାକୁ ଉଦ୍ୟମ ଚଳାଇଥିବା କୁହାଯାଉଛି। ଏକ ଧଳା ରଙ୍ଗର କାରରେ ୩ରୁ ୪ଜଣ ବ୍ୟକ୍ତି ମାଦକ ଦ୍ରବ୍ୟ କାରବାର ଚାଲିଥିବା ଆଡ୍ଡା ଉପରେ ଚଢ଼ାଉ କରି ମୂଲଚାଲ କରୁଛନ୍ତି। ଟଙ୍କା ଦେଲେ ଭଲ କଥା, ନ ହେଲେ ବେପାର ବନ୍ଦ କରିବା ସହ ବାନ୍ଧିନେବାକୁ ସେମାନେ ଚେତାବନୀ ଦେଉଛନ୍ତି। ତେବେ ଏହି ଧଳା ରଙ୍ଗର କାରରେ କେଉଁମାନେ ଆସି ଚଢାଉ କରୁଛନ୍ତି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ଏକ ଧଳା ରଙ୍ଗର କାର ଗତ ୨୩ ତାରିଖ ରାତିରେ ଆଶ୍ରମ ପାଟଣା ନିକଟ ଚୋରା ମାଦକଦ୍ରବ୍ୟ କାରବାର ଚାଲିଥିବା ଏକ ସ୍ଥାନରେ ପହଞ୍ଚି ଥିଲା। କାରରୁ ୪ ଜଣ ଓହ୍ଲାଇ ଚଢାଉ କରିଥିଲେ। ପରେ ମୂଲଚାଲ ହୋଇଥିଲା। କଥା ତୁଟିଯିବାରୁ ସେମାନେ କାରରେ ଫେରିଯାଇଥିଲେ। ଅନ୍ୟ ଏକ ସୂତ୍ରରୁ ଜଣାଯାଇଛି, କେତେଜଣ ଅସାଧୁ ପୋଲିସ କର୍ମଚାରୀ ଚୋରା ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଡାକି ମାସିକିଆ ପାଉଣା ନେଉଛନ୍ତି। ସେମାନେ କହିଛନ୍ତି ଯେ, କାରବାର ବନ୍ଦ ପାଇଁ ଚାପ ପଡୁଛି। ତେଣୁ ଉପରିସ୍ଥ ବଡ଼ବାବୁଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ ଅଧିକ ଚାନ୍ଦା ଦେବାକୁ ପଡିବ। ଏଥିରେ ଅରାଜି ହେଲେ କାରବାର ବନ୍ଦ କରିବାକୁ ଚେତାବନୀ ଦିଆଯାଉଛି। ବାସ୍ତବରେ ପୋଲିସ ମାଦକ ଦ୍ରବ୍ୟ କାରବାର ବନ୍ଦ କରିବାକୁ କୌଣସି ପଦକ୍ଷେପ ନେଉନାହିଁ। ଜିଲା ସଦର ମହକୁମା ଏପରିକି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଏହି କାରବାର ଖୋଲାଖୋଲି ଭାବେ ଚାଲିଥିଲେ ମଧ୍ୟ ପୋଲିସ ଆଖି ବୁଜିଦେଇଛି। ପୋଲିସ ଓ ଅବକାରୀ ବିଭାଗର ନୀରବତା ଯୋଗୁ ବ୍ରାଉନ ସୁଗାର କାରବାର ମଧ୍ୟ ବଢ଼ିଚାଲିଛି। କଟକରୁ ଅବାଧରେ ଏହା ଜଗତ୍‌ସିଂହପୁରକୁ ଆସୁଛି। ବେକାର ଯୁବକଙ୍କଠାରୁ ଆରମ୍ଭ କରି କଲେଜ ଛାତ୍ରୀଛାତ୍ର ଏଥିରେ ସାମିଲ ଥିବା ଜଣାଯାଇଛି। ଲୋକେ ଏ ସମ୍ପର୍କରେ ଜାଣିଲେ ମଧ୍ୟ ନିଜ ସୁରକ୍ଷା ଦୃଷ୍ଟିରୁ ସ୍ୱର ଉଠାଉନାହାନ୍ତି। ଯଦିବା କିଏ ପୋଲିସକୁ ସୂଚନା ଦେଉଛି, ତେବେ କାର୍ଯ୍ୟାନୁଷ୍ଠାନ ଶୂନ। ତେଣୁ ସେମାନେ ପୋଲସକୁ ସୂଚନା ଦେବାକୁ ଚାହୁଁ ନାହାନ୍ତି। ଜଣେ ସୂଚନାଦାତାଙ୍କ କହିବା କଥା ହେଲା ଗୋପାଳସାଗର, ସିପି ମକୁନ୍ଦପୁର, ବଡ ବଜାର, ପୁରୋହିତପୁର, ହାଟ ବଜାର, ସାନ ବଜାର ଆଦି ଏକାଧିକ ସ୍ଥାନରେ ବ୍ରାଉନ ସୁଗାର କାରବାର ଚାଲିଛି। କେବଳ ଏହା ନୁହେଁ ଚୋରା ମଦ, ଗଞ୍ଜେଇ, ଅଫିମ ଆଦି କାରବାର ଚାଲିଛି। କିନ୍ତୁ ଥାନା ଓ ଅବକାରୀ ବିଭାଗର ଅଧିକାରୀଙ୍କୁ ଏକାଧିକ ବାର ସୂଚନା ଦିଆଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନିଶା କାରବାର ଯୋଗୁ ଆପରାଧିକ କାର୍ଯ୍ୟ ବଢୁଛି। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ରମ୍ଭାଦେଇପୁର ଗ୍ରାମ ପଞ୍ଚାୟତର ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଗତ ୧୭ ତାରିଖରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରତିକାନ୍ତ ପଣ୍ଡାଙ୍କୁ ସାକ୍ଷାତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ କହିଥିଲେ ଯେ, ରମ୍ଭାଦେଇପୁର ଭୋଇସାହିରେ ବହୁ ପରିମାଣର ରନ୍ଧା ମଦ ବିକ୍ରି ହେଉଛି। ଏହାଦ୍ୱାରା ପୁରୁଷମାନେ ମଦ୍ୟପାନ ସହ ବ୍ରାଉନ ସୁଗାର ସେବନ କରୁଛନ୍ତି। ଅନନ୍ତବଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ରାଉନ ସୁଗାର କାରବାର ଚାଲିଛି। ସେହିପରି ଗତ ୨୩ ତାରିଖରେ ସ୍ଥାନୀୟ ମକୁନ୍ଦପୁର ମୌଜାର ଶତାଧିକ ଲୋକ ନିଶା ବିରୋଧୀ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। ଏଥିରେ ସାଧାରଣ ଲୋକଙ୍କ ସହ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ। କିନ୍ତୁ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଅବକାରୀ ସୁପରିଟେଣ୍ଡେଣ୍ଟ୍ ରତିକାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଧଳା କାରରେ ଯାଇ କେହି ବିଭାଗୀୟ ଅସାଧୁ କର୍ମଚାରୀ ବେଆଇନ ମାଦକ ଦ୍ରବ୍ୟ କାରବାରୀଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ସମ୍ପର୍କରେ ସୂଚନା ନାହିଁ। ତଥାପି ଏହା ଉପରେ ଅନୁଧ୍ୟାନ କରାଯିବ। ଯଦି କେହି ଏଥିରେ ସମ୍ପୃକ୍ତ ଥିବା ପ୍ରମାଣିତ ହୁଏ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନିକାନ୍ତ ମିଶ୍ର ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

**■ଜିଲାର ବିଭିନ୍ନ ସ୍ଥାନକୁ ଯାଉଛି କାର୍**
**■କଟକରୁ ଆସୁଛି ମାଦକ ଦ୍ରବ୍ୟ**

### ଅର୍ଥଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍

**କୁଜଙ୍ଗ,୨୬।୬(ସ୍ୱ.ପ୍ର.)**

ଅଭୟଚାନ୍ଦପୁର ଥାନା ଅଧୀନ ଗଡ଼କୁଜଙ୍ଗ-ବାଲିତୁଠ ରାସ୍ତାରେ ବୁଧବାର ଅପରାହ୍ନରେ ଏକ ଏକ ଅର୍ଥ ଲଗାଣକାରୀସଂସ୍ଥାର କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅର୍ଥ ସଂଗ୍ରହ କରି ଗଡକୁଜଙ୍ଗରୁ ଫେରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ କଳା ପଲସ୍‌ର ଆସି କର୍ମଚାରୀ ଦେବେନ୍ଦ୍ର ଦାସଙ୍କୁ ଅଟକାଇଥିଲେ। ସେ ଅଟକିବାମାତ୍ରେ ଭୁଜାଲି ଦେଖାଇ ତାଙ୍କ ବ୍ୟାଗ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ତେବେ ଏହି ବ୍ୟାଗ୍‌ରେ ୫୫ ହଜାର ଟଙ୍କା ରହିଥିବା ସୂଚନା ମିଳିଛି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଖବରଲେଖା ହେଲାବେଳକୁ ମାମଲା ରୁଜୁ ହୋଇ ନ ଥିଲା। ପ୍ରକାଶ ଯେ, କିଛିମାସ ପୂର୍ବରୁ ଅନୁରୂପ ଭାବେ ଏହି ଅଞ୍ଚଳରେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା।



ଲୁଟ୍‌ର ଶିକାର ହୋଇଥିବା ଦେବେନ୍ଦ୍ର।



ରଘୁନାଥପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ତ୍ରିବିକ୍ରମ ସାମନ୍ତରାୟଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

## ■ ଏରସମାରେ ବ୍ୟାପିଲା ଝାଡ଼ାବାନ୍ତି

# ତିନି ଦିନରେ ୧୧୮ ଆକ୍ରାନ୍ତ

**ଏରସମା,୨୬।୬(ସ୍ୱ.ପ୍ର.)**

**ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଇବାକୁ ଦାବି**

ଏରସମା ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ତିନ ଦିନ ଭିତରେ ବ୍ଲକର ବିଭିନ୍ନ ସ୍ଥାନରୁ ୧୧୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ସୂଚନା ଅନୁସାରେ, ଆଗ ଜ୍ୱର ହେଉଛି। ପରେ ଝାଡ଼ା ବାନ୍ତି ଲାଗି ରହୁଛି। ପରିବାରର ଜଣେ ସଦସ୍ୟ ଏହି ରୋଗରେ ପୀଡ଼ିତ ହେଲେ ସାରା ପରିବାର ଆକ୍ରାନ୍ତ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ସେବା ଯୋଗାଇ ଦିଆ ଯାଉଥିଲେ ମଧ୍ୟ ଏହି ରୋଗ ଅଣାୟତ ହେବାରେ ଲାଗିଛି। ଲୋକଙ୍କ ମନରେ ଏହି ରୋଗ ଆତଙ୍କ ସୃଷ୍ଟି କଲାଣି। ଭ୍ରମ୍ୟମାଣ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି ହେଉଛି। ଗତ ସୋମବାର ଦିନ ୩୫ ଓ ମଙ୍ଗଳବାର ୪୨ ଓ ବୁଧବାର ୪୧ଜଣ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। କେନ୍ଦୁରୀଶାଳ ଗ୍ରାମର ପୂଜାରିଣୀ ମଲ୍ଲିକ(୯), ମାଳିପୁର ଗ୍ରମାର ଶୁଭ୍ରଜିତ ନାୟକ(୧୪), କିଆଦାର ରାଜଶ୍ରୀ ଦାସ(୧୫), ଅଲଣାର ବିପ୍ଳବ କେଶରୀ ଆଚାର୍ଯ୍ୟ, ପ୍ରଜ୍ଞା ପାରମିତା ସାହୁ, ଓରନାଳର ସସ୍ମିତା ବାରିକ, କାଙ୍କଣର ପ୍ରଶାନ୍ତ ଜେନା, ଜାମୁକଣ ଗ୍ରାମର ପ୍ରଭାମୟୀ ଗଛାୟତ, ଏକଘରିଆ ଗ୍ରାମର ନିରୁପମା ଦଳାଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ନାଉବେଲାରୀ ଗ୍ରାମର ପ୍ରଫୁଲ୍ଲ ଦାସ, ଆମ୍ବିକିର ସୁନାକର ଦାସ, ନମିତା ବିଶ୍ୱାଳ, କିଆଦାର ରାଜଶ୍ରୀ ଦାସ, ଜିରାଇଲୋର ସତ୍ୟଜିତ ଦାସ, ରାଧି ସେଠୀ, ଭୁଆଁସାହିର ମାନସ ଦାସ, ଇରିବୀଣାର ସୁଶାନ୍ତୀ ଦାସ, ଏରସମାର ଉତମ ଖଟୁଆ, ଦେଉଳୀର ମିନତୀ ଦାସ, ଭ୍ରମରବର ଗଛାୟତ, ପଣ୍ଡୁଆର ସୁପୋ ଓଝା, ବିଶ୍ୱନାଥ ମହାରଣା, ରୟତସାହିର ମୋନାଲିଶା ନାୟକ, ଭୟଳର ଗୀତାଞ୍ଜଳୀ ସ୍ୱାଇଁ, ଭରିଶୋଳର ବିଚିତ୍ର ମଲ୍ଲିକ ପ୍ରମୁଖ ୪୨ ଜଣ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ଏପରି ରୋଗ ବ୍ୟାପୁଥିବା କୁହାଯାଉଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଅମୀୟ ସ୍ୱାଇଁ କହିଛନ୍ତି, ପାଗ ବଦଳିବା ଯୋଗୁ ଏଭଳି ହୋଇଛି। ଏହା ବିପଜ୍ଜନକ ନୁହେଁ। ଏବେ ରୋଗୀଙ୍କ ସଂଖ୍ୟା ସ୍ଥିର ଅଛି। ଅନେକ ସୁସ୍ଥ ହୋଇ ଘରକୁ ଫେରିଲେଣି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ।

## ■ ଧାର୍ଯ୍ୟ ସମୟରେ ବାହାରିପାରୁନି ଜମି ପଟ୍ଟା, ପ୍ରମାଣପତ୍ର

# ଅସୁବିଧା ଭୋଗୁଛନ୍ତି ଆବେଦନକାରୀ

**ତିର୍ତ୍ତୋଲ,୨୬।୬(ଡି.ଏନ.ଏ.)**

ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟରେ ଏବେ କିଛି ସପ୍ତାହ ହେବ ବାସସ୍ଥାନ, ଜାତି ଓ ଆୟ ପ୍ରମାଣପତ୍ର ପାଇଁ ଅବେଦନକାରୀଙ୍କ ଭିଡ ଦେଖିବାକୁ ମିଳୁଛି। ଏଥିସହ ଜମିପଟ୍ଟା, ଜମି କିସମ ପରିବର୍ତ୍ତନ ଆଦି ପାଇଁ ଆବେଦନ କରିଥିବା ଲୋକେ ଧାର୍ଯ୍ୟ ସମୟରେ ଏହା ନ ପାଇ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସୁଛନ୍ତି। ଏହାଦ୍ୱାରା ତହସିଲରେ ଏମାନଙ୍କ ଭିଡ ଜମିବା ସହ ପ୍ରମାଣପତ୍ର ନ ପାଇ ଆବେଦନକାରୀ ଅସନ୍ତୋଷ ଜାହିରକରି ହୋହଲ୍ଲା କରୁଛନ୍ତି। ଫଳରେ ଏହାକୁ ନେଇ ତହସିଲ ପରିସରରେ କିଛିଦିନ ହେଲା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। କମ୍ପ୍ୟୁଟରୀକରଣ ସାର୍ଟିଫିକେଟ ବାହାର କରିବାରେ ସମସ୍ୟା ଦେଖାଦେଉଥିବାରୁ ବିଳମ୍ବ ହେଉଥିବା ତହସିଲ କର୍ମଚାରୀ କହୁଛନ୍ତି। ଏଥିରେ ଆବଦେନକାରୀ ସନ୍ତୁଷ୍ଟ ନ ହୋଇ ଅସନ୍ତୋଷ ଜାହିର କରୁଛନ୍ତି। ପାଠପଢା ନିମନ୍ତେ ନାମ ଲେଖା ପାଇଁ ବିଭିନ୍ନ ପ୍ରମାଣପତ୍ର ଆବଶ୍ୟକ ଥିବାରୁ ଛାତ୍ରୀଛାତ୍ର ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ଫର୍ମ ପକାଇବା ଏବଂ ନାମ ଲେଖାଇବା ତାରିଖରେ ପ୍ରମାଣପତ୍ର ଦାଖଲ କରିନପାରି ଅସୁବିଧାରେ ପଡୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଏହି ବିଳମ୍ବକୁ ନେଇ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏହାର ଶୀଘ୍ର ସମାଧାନ ଓ ପ୍ରତିକାର ନିମନ୍ତେ ତହସିଲ କର୍ତ୍ତୃପକ୍ଷ ଉଦ୍ୟମ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ସୁଜାତା ପାତ୍ରଙ୍କୁ ପଚାରିବାରୁ ଏସବୁ ପ୍ରମାଣପତ୍ର କମ୍ପ୍ୟୁଟର ଯୋଗେ ଅନଲାଇନରେ ହେଉଥିବାରୁ କେତେକ ବୈଷୟିକ ତ୍ରୁଟି ପାଇଁ ବିଳମ୍ବ ହେଉଛି। ଏପରି କି ପ୍ରମାଣପତ୍ର ପାଇଁ ଉଦ୍ଦିଷ୍ଟ ଇ-ଡିଷ୍ଟ୍ରିକ୍ଟ ଫାଇଲ ଅନଲାଇନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଲୁନାହିଁ। ଯଦ୍ଦ୍ୱାରା ପ୍ରମାଣପତ୍ର ଧାର୍ଯ୍ୟ ସମୟରେ ପ୍ରଦାନ କରିବା ସମ୍ଭବ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି।

# ମେରି ବଚପନ ବିଦ୍ୟାଳୟ ଉଦ୍‌ଘାଟିତ

**ବାଲିଆ,୨୬।୬**

ବିରିଡି ଛକ ବ୍ଲକ ରୋଡ ପାର୍ଶ୍ୱରେ ଶିଶୁ ଶିକ୍ଷା ଅନୁଷ୍ଠାନ ମେରି ବଚପନ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏଥିସହିତ ସମୀକ୍ଷା କ୍ଲାସେସ୍ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରତିଷ୍ଠାତା ଜନରଞ୍ଜନ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଗିତିକବି ବାମଦେବ ସ୍ୱାଇଁ, ମୁଖ୍ୟବକ୍ତା ଆଷାଢ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର, ସମ୍ମାନିତ ଅତିଥି ଡ୍ରିମସର ଇଂଲିଶ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଜିଏସ କଲଟାକ୍ସର ଓଡିଶା ଓ ଛତିଶଗଡ ମୁଖ୍ୟ ସନ୍ଦୀପ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ, ଶିଶୁ, କିଶୋର ଓ ଯୁବ ଅବସ୍ଥା ହେଉଛି ପ୍ରକୃତ ଶିକ୍ଷା ଆହୋରଣର ସମୟ। ତେଣୁ ଏହାକୁ କେବେବି ହାତ ଛଡା ନ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସମୀକ୍ଷା କ୍ଲାଶେସର ଅଧକ୍ଷା ଶୁଭସ୍ମିତା ସ୍ୱାଇଁଙ୍କ ପରିଚାଳନାରେ ଏବଂ ଶିଶୁ ପ୍ରତିଭା ସାଇ ସମୀକ୍ଷା ସ୍ୱାଇଁଙ୍କ ଉପସ୍ଥାପନାରେ ସମୀକ୍ଷା କ୍ଲାଶେସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜକୁ ଉପଦେଶ ଦେବା ଭଳି ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ନାଟକକୁ ଶୁଭସ୍ମିତା ସ୍ୱାଇଁ ଲେଖିବା ସହ ନିର୍ଦ୍ଦେଶନା ଦେଇଥିଲେ। ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା। ବିଚାରକଭାବେ କଳାକାର ରଞ୍ଜିତ ଗୋଛାୟତ ଓ ଶିକ୍ଷାବିତ ପୁଷ୍ପାଞ୍ଜଳି ଦାସ ଯୋଗଦେଇ ପ୍ରତିଭାଙ୍କୁ ବାଛିଥିଲେ। ସିନିୟର ବିଭାଗରେ କ୍ଷିରାବ୍ଧୀ ତନୟା ଶତପଥୀ ଓ ଜୁନିୟର ବିଭଗରେ ଜ୍ୟୋତିର୍ମୟୀ ପୃଷ୍ଟି ଚାମ୍ପିୟନ ହୋଇଥିଲେ। ବେଷ୍ଟ ଷ୍ଟୁଡେଣ୍ଟ୍ ଗିରିଜା ନନ୍ଦିନୀ ବାରିକ ହୋଇଥିଲେ। ଏମାନଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଅତିଥି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ■ ଜଗତ୍‌ସିଂହପୁର ଥାନା, ପୌର ପରିଷଦ କାର୍ଯ୍ୟାଳୟ ସାମ୍ନା

# ୨ ଦିନ ହେଲା ରାସ୍ତାରେ ପଡ଼ି ରହିଛନ୍ତି ବୃଦ୍ଧା

**ଜଗତ୍‌ସିଂହପୁର ଅଫିସ,୨୬।୬**



ରାସ୍ତା କଡ଼ରେ ପଡ଼ିରହିଥିବା ବୃଦ୍ଧା।

**■କେହି ଉଦ୍ଧାର କରିବାକୁ ଆସୁନାହାନ୍ତି**
**■ମରିଗଲାଣି ମାନବିକତା**

ଅସହାୟଙ୍କୁ ସହାୟ ହେବା ପାଇଁ ଅନେକ ନୀତିବାଣୀ ଶୁଣାନ୍ତି। ସରକାରୀସ୍ତରରେ ମଧ୍ୟ ଏମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାପାଇଁ ବ୍ୟବସ୍ଥା ଥିବା ଦର୍ଶାଯାଉଛି। କିନ୍ତୁ ଏସବୁ କେବଳ ଯେ, ଉପରଠାଉରିଆ ତାହା ବୁଧବାର ଏଠାରେ ଦେଖିବାକୁ ମିଳିଛି। ମଙ୍ଗଳବାରଠାରୁ ଜଣେ ବୃଦ୍ଧା ଜଗତ୍‌ସିଂହପୁର ଥାନା ଏବଂ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ପଡି ରହିଛନ୍ତି। ହେଲେ ତାଙ୍କୁ କେହି ଉଦ୍ଧାର କରିବାକୁ ଆସୁନାହାନ୍ତି। ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ। କୌଣସି କାରଣରୁ ସେ କୁଆଡେ ଯାଇ ନ ପାରି ସେଠାରେ ପଡି ରହିଛନ୍ତି। ଜଗତ୍‌ସିଂହପୁର ସହରର ସବୁଠୁ ଜନଗହଳିପୂର୍ଣ୍ଣ ଏହି ସ୍ଥାନରେ ବୃଦ୍ଧାଙ୍କୁ ପୋଲିସ, ପୌର କର୍ମଚାରୀଙ୍କଠାରୁ ଆରମ୍ଭ କରି ଶତାଧିକ ଲୋକ ଦେଖୁଛନ୍ତି। କିନ୍ତୁ କେହି ସାହାରା ହେବେ କ'ଣ, ପଦେ ଆହା କହିବାକୁ ଆଗେଇ ଆସୁନାହାନ୍ତି। ଭୋକ, ଉପବାସରେ ପଡି ରହିଥିବା ଏହି ବୃଦ୍ଧାଙ୍କ ପ୍ରତି ସତେ ଯେପରି କାହାରି ସାମାନ୍ୟତମ ଦରଦ ନାହିଁ। ଯାହା ଅନୁଭୂତ ହେଉଛି ଲୋକଙ୍କ ଭିତରୁ ମାନବିକତା ମରି ଗଲାଣି। ସରକାରୀ କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱବୋଧକୁ ଭୁଲି ଯାଉଛନ୍ତି। ପରିଷଦ ସାମ୍ନା ମୁଖ୍ୟ ରାସ୍ତାରୁ ଜଇପୁରକୁ ଅନ୍ୟ ଏକ ରାସ୍ତା ଯାଇଛି। ତେଣୁ ଏହି ସ୍ଥାନରେ ଡିଭାଇଡର ରହିଛି। ଠିକ ଡିଭାଇଡର ପାର୍ଶ୍ୱରେ ବୃଦ୍ଧା ଜଣଙ୍କ ପଡି ରହିଛନ୍ତି। ସବୁବେଳେ ଏହି ସ୍ଥାନ ଜନଗହଳିପୂର୍ଣ୍ଣ ଥିବାରୁ ଅନେକ ବୃଦ୍ଧାଙ୍କୁ ଦେଖୁଛନ୍ତି। ଯେହେତୁ ପରିଷଦ ପାର୍ଶ୍ୱରେ ଥାନା ତେଣୁ ପୋଲିସ ବାବୁମାନେ ମଧ୍ୟ ଅହରହ ସେ ସ୍ଥାନରେ ବୁଲୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଏହି ସ୍ଥାନରୁ ମାତ୍ର ୧୦୦ ମିଟର ଦୂରରେ ରହିଛି। କିନ୍ତୁ କେହି ବୃଦ୍ଧାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ନେବାକୁ ଚାହୁନାହାନ୍ତି। ବୃଦ୍ଧାଙ୍କ ଏହି ଅବସ୍ଥା ସତେ ଯେପରି ଅନ୍ୟମାନଙ୍କ ପାଇଁ ଗୌଣ୍ୟ ହୋଇପଡିଛି। କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ କିମ୍ବା ଅସହାୟ ଅବସ୍ଥାରେ କେହି ଥିବା ସୂଚନା ମିଳିଲେ ପୋଲିସ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା କଥା। ପୌର ପରିଷଦ ଅଞ୍ଚଳରେ ଏଭଳି କିଛି ସୂଚନା ମିଳିଲେ ପୋଲିସ କିମ୍ବା ପରିଷଦ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସରକାରୀ ବ୍ୟବସ୍ଥା ଅଛି। ସ୍ୱେଚ୍ଛାସେବୀ ସଙ୍ଗଠନମାନେ ମଧ୍ୟ ଏଥିପାଇଁ ଆଗେଇ ଆସିବା ଉଚିତ। ପାଖାପାଖି ୨ ବର୍ଷ ପୂର୍ବରୁ ତତ୍କାଳୀନ ଏସ୍‌ପି ଜୟନାରାୟଣ ପଙ୍କଜ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲେ। କେହି ସ୍ୱେଚ୍ଛାସେବୀ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କଲେ ସେମାନଙ୍କୁ ସମ୍ମାନିତ କରିବା ବ୍ୟବସ୍ଥା କରିଥିଲେ। କିନ୍ତୁ ତାଙ୍କ ବଦଳି ପରେ ସବୁକିଛି ବଦଳି ଗଲା। ଏବେ ଥାନା ଆଗରେ କିଛି ଅଘଟଣ ଘଟିଲେ ମଧ୍ୟ ପୋଲିସ ନୀରବ ରହୁଛି। ଆଶ୍ଚର୍ଯ୍ୟର କଥା ଥାନା ସାମ୍ନାର ୨ ଦିନ ହେବ ବୃଦ୍ଧାଜଣଙ୍କ ପଡି ରହିଥିଲେ ସୁଦ୍ଧା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଜାଣି ନ ଥିବା କହିଛନ୍ତି। ବୁଧବାର ରାତି ପ୍ରାୟ ୮.୨୦ରେ ଏ ସମ୍ପର୍କରେ ଆଇଆଇସିଙ୍କୁ ପଚାରିବାରୁ ସେ ଏଭଳି ଉତ୍ତର ଦେଇଥିଲେ। ତେବେ ତୁରନ୍ତ କିଛି ପଦକ୍ଷେପ ନିଆଯାଉ ବୋଲି କୁହାଯିବାରୁ ୧୦୮ ଆମ୍ବୁଲାନ୍ସ ମଗାଇ ବୃଦ୍ଧାଙ୍କୁ ଚିକିତ୍ସା ପାଇଁ ପଠାଇବୁ ବୋଲି କହିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବୃଦ୍ଧାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ନ ଥିବା ଜଣାଯାଇଛି।

## ସଂକ୍ଷେପରେ

### ଦାନପୁର ସେବା ସମବାୟ ସମିତିର ମାସିକ ବୈଠକ



ଡେରାବିଶ, ୨୬।୬ (ସ୍ୱ.ପ୍ର.): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ଦାନପୁର ସେବା ସମବାୟ ସମିତି ପରିଚାଳନା କମିଟିର ମାସିକ ବୈଠକ ବୁଧବାର ସମିତିର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପର୍ଶୁରାମ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ସମ୍ପାଦକ ସୁବ୍ରତ କୁମାର ନାୟକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ପରେ ସମ୍ପାଦକଙ୍କ ଦ୍ୱାରା ଆଗତ ନୂତନ ସଭ୍ୟ ସଂଗ୍ରହ, ଖରିଫ୍ ଋଣପ୍ରଦାନ, ସମିତି ଗୃହ ସମ୍ପ୍ରସାରଣ ଓ କର୍ମଚାରୀଙ୍କ ବେତନ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଶାମଣି ବେହେରା, କୃଷ୍ଣଚନ୍ଦ୍ର ବଳ, ମଧୁସୁଦନ ଘଡେଇ, ରଜତ ବଳ, ଶୀତଳ ସ୍ୱାଇଁ, ମଳୟ କୁମାର ବେହେରା, ନିରଞ୍ଜନ କାଣ୍ଡି, ଜୟନ୍ତ କୁମାର ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉମେଶ ଚନ୍ଦ୍ର ପରିଡ଼ା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

### ୬ ଦିନ ହେବ ଯୁବକଙ୍କ ପତ୍ତା ମିଳୁନି

ଆଳି, ୨୬।୬ (ଡି.ଏନ.ଏ): ଆଳି ଥାନା ଅରଗଳ ଶାସନର ସୁଶାନ୍ତ ଧଳ(୪୬) ଗତ ୨୧ ତାରିଖରୁ କୋଲକାତାରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ସୁଶାନ୍ତ ଗତ ୧୯ ତାରିଖରେ ନେପାଳରୁ ବାହାରିଥିଲେ।୨୧ ତାରିଖ ସକାଳେ କଲିକତାରେ ପହଞ୍ଚି ବାବୁଘାଟ ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଟିକେଟ୍ ବୁକ୍ କରିଥିଲେ। ଏଥିସହ ଉକ୍ତ ବସ୍‌ର କଣ୍ଡକ୍ଟରଙ୍କ ଫୋନ୍‌ରୁ ଘରକୁ ଫୋନ୍ କରି ଜଣାଇବା ସହ ରାତି ୯ଟାରେ ବସ୍ ଛାଡିବ ବୋଲି କହିଥିଲେ। ହେଲେ ତା'ପରଦିନ ସକାଳୁ ସୁଶାନ୍ତଙ୍କ ବାପା ସୁରଥ ବସ୍ ଷ୍ଟାଣ୍ଡରେ ପହଞ୍ଚିଥିଲେ। ହେଲେ ସୁଶାନ୍ତ ଟିକେଟ୍ କାଟିବା ପରେ ବାହାରକୁ ଖାଇବାକୁ ଯାଉଛି କହି ଆଉ ବସ୍‌କୁ ଆସି ନ ଥିଲେ ବୋଲି କଣ୍ଡକ୍ଟର କହିଥିଲେ। ଏ ନେଇ ମଙ୍ଗଳବାର ସୁରଥ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ସଲିଳ କୁମାର ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରେ ଅଭିଯୋଗ ପାଇଛୁ। କୋଲକାତା ପୋଲିସ ସହ ଯୋଗାଯୋଗ କରି ସୁଶାନ୍ତଙ୍କୁ ଠାବ କରିବାକୁ ଚେଷ୍ଟା କରିବୁ ବୋଲି ଆଇଆଇସି କହିଛନ୍ତି।

ଆଜି କ'ଣ କେଉଁଠି ପ୍ରସ୍ତରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ତମାଖୁ କବଳରେ ଯୁବପିଢ଼ି

କେନ୍ଦ୍ରାପଡା ଅଫିସ, ୨୬।୬

- ଶିକ୍ଷାନୁଷ୍ଠାନ ନିକଟସ୍ଥ ଦୋକାନରେ ଝୁଲୁଛି ଗୁଟ୍‌ଖା ମାଳ
- ଜିଲାରେ ବଢୁଛି ଅସଲି ଓ ନକଲି ଗୁଟ୍‌ଖା ବିକ୍ରି
- ନାଁକୁ ଗଢ଼ା ହୋଇଛି ସ୍କ୍ୱାଡ, ଚଢ଼ାଉ ହେଉନି

ଗୁଟ୍‌ଖା ବ୍ୟବସାୟକୁ ବେଆଇନ ଦର୍ଶାଇବା ସହ ସରକାରଙ୍କ ପକ୍ଷରୁ ଏଥିନେଇ ବିଭିନ୍ନ ଆଇନ ଲାଗୁ କରାଯାଇଛି। କୋଟ୍‌ପା ଆଇନ ୨୦୦୩, ଏଫଏସଏସଏଆଇ ଆଇନ୍ ୨୦୦୬ କାର୍ଯ୍ୟକାରୀ ପାଇଁ ପୋଲିସ ପ୍ରଶାସନ, ଅବକାରୀ ବିଭାଗ ସହ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିସହ ତମାଖୁ ପ୍ରତି ସାବଧାନ ରହିବା ପାଇଁ ମେ ୩୧ ତାରିଖକୁ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଉଛି। ଏ ସବୁ ସତ୍ତ୍ୱେ ଜିଲାରେ ବେଆଇନ ଗୁଟ୍‌ଖା ବ୍ୟବସାୟ ବଢ଼ି ଚାଲିଛି। ଶିକ୍ଷାନୁଷ୍ଠାନ ନିକଟସ୍ଥ ଦୋକାନ ସମେତ ଜନଗହଳିପୂର୍ଣ୍ଣ ସ୍ଥାନରେ ମାଳ ମାଳ ଗୁଟ୍‌ଖା ଟଙ୍ଗା ହେଉଥିଲେ ମଧ ପ୍ରଶାସନ ଏଥିପ୍ରତି ନଜର ଦେଉନାହିଁ। ଏପରିକି ଏହି କାରବାରକୁ ରୋକିବା ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ଅଧୀନରେ ଏକ ସ୍କ୍ୱାଡ ଗଠନ ହୋଇଥିଲେ ମଧ୍ୟ ଚଢ଼ାଉ ହେଉନାହିଁ। ଫଳରେ କିଶୋର, ଯୁବପିଢ଼ି ଗୁଟ୍‌ଖା କବଳରେ ପଡୁଥିବା ବେଳେ ଜିଲାରେ ନକଲି ଜର୍ଦ୍ଦା ବିକ୍ରି ପରିମାଣ ବଢ଼ିଚାଲିଛି। ଗତ କିଛିଦିନ ପୂର୍ବେ ସହର ନିକଟ ଦୁହୁରିଆସ୍ଥିତ ଏକ ଗୋଦାମରୁ ନକଲି ଜର୍ଦ୍ଦା ବହୁ ପରିମାଣର ଜବତ ହୋଇଥିଲେ ମଧ ଏଥିରେ ସମ୍ପୃକ୍ତ ଥିବା ବ୍ୟବସାୟୀ କୌଣସି କାରଣରୁ ତ୍ରାହି ପାଇଛନ୍ତି। ସେହିପରି ୨୦୧୮ ମେ ରେ ଏକ ଗୁଟଖା ଭର୍ତ୍ତି ଟାଟା ମ୍ୟାଜିକ ଗାଡିକୁ ପୋଲିସ ଜବତ କରି ଥାନାକୁ ନେଇଥିଲା। ହେଲେ ତହିଁ ପରଦିନ ଜିଲା ଫୁଡ ଇନ୍ସପେକ୍ଟର ଥାନାରେ ନ ପହଞ୍ଚିବାରୁ ଉକ୍ତ ଗାଡ଼ିକୁ ଛାଡି ଦିଆଯାଇଥିବା ଜଣା ପଡିଥିଲା। ସହରର ଜୈନିକ ଜର୍ଦ୍ଦା ଓ ଗୁଟ୍‌ଖା ବ୍ୟବସାୟୀ କହିଛନ୍ତି, ସରକାରଙ୍କ କଟକଣା ପାଇଁ ବ୍ୟବସାୟ ପ୍ରଭାବିତ ହୋଇ ନାହିଁ। ପୂର୍ବାପେକ୍ଷା ଏବେ ଗୁଟ୍‌ଖା ଅଧିକ ମାତ୍ରାରେ ବିକ୍ରି ହେଉଥିବା ସମ୍ପୃକ୍ତ ବ୍ୟବସାୟୀ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ସମିତି ସଦସ୍ୟ ହିରଣ୍ୟ କୁମାର ପଣ୍ଡା କୁହନ୍ତି ଯେ, ତମାଖୁ ସେବନ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏଥିପାଇଁ ଦେଶରେ ତମାଖୁ ସେବନ ଉପରେ କେତେକାଂଶରେ ରୋକ ଲଗାଯାଇଛି। ବିଭିନ୍ନ ଆଇନ ମାଧ୍ୟମରେ କଟକଣା ସହ ଏହି ବ୍ୟବସାୟକୁ ରୋକିବା ପାଇଁ ଜିଲା ଓ ବ୍ଲକସ୍ତରରେ ସ୍କ୍ୱାଡ୍ ଗଠନ ହୋଇଛି। ସ୍କ୍ୱାଡ୍‌ର ସଦସ୍ୟମାନେ ତମାଖୁ ବିକ୍ରିକୁ ରୋକିବା ସହ ଜରିମାନା ଆଦାୟ କରିପାରିବେ। କେତେକ ସ୍ଥଳରେ ଗିରଫ କରି ବିଚାରାଳୟକୁ ପଠାଇ ପାରିବେ। ଏ ନେଇ ବାରମ୍ବାର ତାଗିଦ ସତ୍ତ୍ୱେ ଜିଲାରେ ଏପରି ଚଢ଼ାଉକୁ ଅଣଦେଖା କରାଯାଉଥିବା ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଜିଲାରେ ନକଲି ଜର୍ଦ୍ଦା ବିକ୍ରି ବଢୁଛି। ଏଥିରେ ଅଧିକାଂଶ ଶିଶୁ ଓ କିଶୋର ଗ୍ରାହକ ହେଉଥିବା ଦେଖାଯାଉଛି। ଯାହା ସେମାନଙ୍କ ଭବିଷ୍ୟତ ଉଦ୍‌ବେଗଜନକ ସ୍ଥିତିକୁ ନେବା ଅବଶ୍ୟମ୍ଭାବୀ। ଏଥିସହ ଜିଲାର ବହୁ ସ୍ଥାନରେ ନକଲି ଜର୍ଦ୍ଦା ବ୍ୟବସାୟ ଚାଲୁ ରହିଥିବା ବେଳେ ପୋଲିସ, ଅବକାରୀ ବିଭାଗ ଓ ଜିଲା ପ୍ରଶାସନ ନିରବ ରହିଛନ୍ତି। ନିକଟରେ ଦୁଇ ନକଲି ଜର୍ଦ୍ଦା ବ୍ୟବସାୟୀ ଧରା ପଡିଥିଲେ ମଧ୍ୟ କୌଣସି ଉପାୟରେ ଖସି ଯାଇଥିବା ଦେଖାଯାଇଛି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଗୁଟ୍‌ଖା ସେବନ ବନ୍ଦ କରିବା ପାଇଁ ସଚେତନତା ହିଁ ଏକମାତ୍ର ରାସ୍ତା। ଏହା ସେବନ ଦ୍ୱାରା ହେଉଥିବା ରୋଗର ଭୟାବହତାକୁ ଗୁରୁତ୍ୱ ଦେଇ ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର କରାଯିବା ଆବଶ୍ୟକ। ତମାଖୁ ବା ଗୁଟଖା ଉତ୍ପାଦନ କେନ୍ଦ୍ର ପ୍ରତି କଡା ନଜର ରଖାଯିବା ଦରକାର। କିନ୍ତୁ ରାଜସ୍ୱ ଆଦାୟ ଆଳରେ ଏହା କେବଳ କାଗଜ କଲମ ଓ ଭାଷଣରେ ସୀମିତ ରହୁଛି। ଜିଲା ଖାଦ୍ୟ ନିରୀକ୍ଷିକ ସମିତା ଦାସ ଏ ସମ୍ପର୍କରେ କହିଛନ୍ତି ଯେ, ଗୁଟ୍‌ଖା ଓ ନକଲି ଜର୍ଦ୍ଦା ବ୍ୟବସାୟ ବ୍ୟାନ ହୋଇଛି। ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି ଟିମରେ ଅବକାରୀ ଓ ପୋଲିସ ପ୍ରଶାସନ ସାମିଲ ହୋଇଛନ୍ତି। ତେବେ ତମାଖୁ ସେବନକୁ ନିୟନ୍ତ୍ରଣରେ ଆଣିବା ପାଇଁ ଜନ ସଚେତନତାର ଆବଶ୍ୟକତା ଥିବା ଦାସ ପ୍ରକାଶ କରିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ରାଜକନିକା, ୨୬।୬ (ଡି.ଏନ୍.ଏ.)

ରାଜକନିକା ବ୍ଲକ ହାଟସାହିସ୍ଥିତ ବି.ଆର୍. ସାଇନ୍ସ କଲେଜର ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ନୂତନ ଅଧକ୍ଷ ଡ. ବିଜୟ କୁମାର କୁମାର ନାୟକଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଅଧକ୍ଷ ଡା. ଗୋକୁଳା ନନ୍ଦ ମଲ୍ଲିକ, ଡା. ଯାଦବାନନ୍ଦ ବେହେରା, ଡା. ଚତୁର୍ଭୂଜ ସାହୁ, ଅଧାପକ ବିରଞ୍ଚି ନାରାୟଣ ସାମଲ, ବିଶ୍ୱନାଥ ନାୟକ, ରତ୍ନାକର ସେଠୀ, ଅଧାପିକା ଆର୍ଯ୍ୟବାଳା ନାୟକ ଓ ମୁଖ୍ୟଲିପିକା ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ଅଧକ୍ଷ ଡା. ଯାଦବା ନନ୍ଦ ବେହେରା ବିଦାୟୀ ଅଧକ୍ଷଙ୍କୁ ପୁଷ୍ପ ଗୁଚ୍ଛ ସହିତ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମଦଦୋକାନ ବନ୍ଦ ଦାବିରେ ରାସ୍ତାକୁ ଓହ୍ଲାଇଲେ ମହିଳା



ମହିଳାମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ରାଜନଗର, ୨୬।୬(ଡି.ଏନ.ଏ.)

- ମଦ ଦୋକାନ ତାଲା ପକାଇଲେ
- ରାସ୍ତାରେ ଟାୟାର ଜାଳିଲେ

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତର ଗର୍ଜ୍ଜନପୁର ମୌଜାରେ ଥିବା ଠିପି ବନ୍ଦ ମଦ ଦୋକାନ ବନ୍ଦ କରିବା ଦାବିରେ ବୁଧବାର ଶତାଧିକ ମହିଳା ରାସ୍ତାକୁ ଓହ୍ଲାଇଛନ୍ତି। ମହିଳାମାନେ ମଦ ଦୋକାନ ସମ୍ମୁଖ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ଦୋକାନରେ ତାଲା ପକାଇ ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚେତାବନୀ ଦେଇଛନ୍ତି।

ରାଜନଗର ପଞ୍ଚାୟତର ମାଉସୀ ମା' ସ୍ୱୟଂ ସହାୟକ ଗୋଷ୍ଠୀ, ଗାନ୍ଧିଜୀ ସ୍ୱୟଂ ସହାୟକ ଗୋଷ୍ଠୀ, ବାପୁଜୀ ସ୍ୱୟଂ ସହାୟକ ଗୋଷ୍ଠୀ, ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ୪ ଘଣ୍ଟା ଧରି ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ସନ୍ଧ୍ୟାରାଣୀ ନାଥ, ସୁବାସିନୀ ସେଠୀ, ଟୁଲୁ ଦଳାଇଙ୍କ ନେତୃତ୍ୱରେ ମହିଳାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ମଦ ଦୋକାନରେ ତାଲା ପକାଇଥିଲେ। ସାନବଡ ଗୋପାଳପୁର ମୌଜାରେ ମଦଦୋକାନ ଖୋଲିବାକୁ ଲାଇସେନ୍ସ ମିଳିଥିବା ବେଳେ କିପରି ଗର୍ଜ୍ଜନପୁର ମୌଜାରେ ଏହି ବିଦେଶୀ ମଦଦୋକାନ ଚାଲିଛି ଓ ଅବକାରୀ ବିଭାଗ କାହିଁକି ନୀରବଦ୍ରଷ୍ଟା ସାଜିଛି ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ। ଗତ ୨୦ ତାରିଖ ଦିନ ଜରିମୂଳ ଓ ଚାନ୍ଦିବାଉଁଶମୂଳ ଠାରେ ଥିବା ଦୁଇଟି ମଦଦୋକାନକୁ ମହିଳାମାନେ ବନ୍ଦ କରିଥିଲେ। ଶତାଧିକ ମହିଳା ଆମରଣ ଅନଶନ କରି ରାସ୍ତା ଉପରେ ବସିବା ପରେ ପ୍ରଶାସନ ସେଠାରେ ପହଞ୍ଚି ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନରେ ତାଲା ପକାଇଥିଲା।

# ଜମପଡ଼ା ଓ ମେହେନ୍ଦି ନଗର ପଞ୍ଚାୟତର ବିଜେଡି କର୍ମୀ ସମ୍ମିଳନୀ

ମାର୍ଶାଘାଇ, ୨୬।୬ (ଡି.ଏନ.ଏ.)




ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ବି ବିଜେଡି କର୍ମୀ ସମ୍ମିଳନୀ କରି ପ୍ରଚାର ଜାରି ରଖିଛି। ମାର୍ଶାଘାଇ ବ୍ଲକ ଜମପଡା ହନୁମାନ ପଡିଆ ଠାରେ ବୁଧବାର ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଜମପଡା ଓ ମେହେନ୍ଦିନଗର ପଞ୍ଚାୟତର ମିଳିତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ ଯୋଜନା ସଂପର୍କରେ ଅବତାରଣା କରିବା ସହିତ ବିଜେଡି ପ୍ରାର୍ଥିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ମେହେନ୍ଦି ନଗର ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା,ଜମପଡା ପଞ୍ଚାୟତ ପର୍ଯ୍ୟବେକ୍ଷକ ଭାବେ ଦେବଗଡ ବିଜେଡି ନେତା ରୋମାଞ୍ଚ ରଞ୍ଜନ ବିଶ୍ୱାଳ , ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ,ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଜିଲା ବିଜେଡି ଉପ ସଭାପତି ପ୍ରମୋଦ କୁମାର ରଥ ଅତିଥି ଭାବେ ଯୋଗ ଦେଇଥିଲେ। ପାଟକୁରାରେ ବିକାଶ ଧାରା ଜାରି ରଖିବାକୁ ହେଲେ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ବିଧାୟକ ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପୁଅ ସଞ୍ଜୟ ଅଗ୍ରୱାଲ ଯୋଗଦେଇ ନିଜର ମାଆ ସାବିତ୍ରୀଙ୍କୁ ଭୋଟ ଦେବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ନିବେଦନ କରିଥିଲେ। ନଦୀ ଘେରା ଏହି ନିର୍ବାଚନମଣ୍ଡଳୀରେ ୫ ନଦୀ ଉପରେ ବିଜେଡି ସରକାର ସମୟରେ ସେତୁ ନିର୍ମାଣ କରାଯାଇଥିବାରୁ ଏହି ନିର୍ବାଚନମଣ୍ଡଳୀକୁ ସଡକ ପଥରେ ଯୋଗାଯୋଗ ସମ୍ଭବ ହୋଇପାରିଛି। ଆଗକୁ ଆହୁରି ଅନେକ କାମ ବାକି ରହିଛି । ଏଣୁ ପାଟକୁରାର ବିକାଶ ପାଇଁ ସାବିତ୍ରୀଙ୍କୁ ଭୋଟ ଦେଇ ଜିତାଇବାକୁ ଉପସ୍ଥିତ ଅତିଥିମାନେ ଆହ୍ୱାନ କରିଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଉପାଧକ୍ଷା ମମତା ପ୍ରଧାନ,ଜମପଡା ସରପଞ୍ଚ ମୋନାଲିସା ପ୍ରଧାନ,ମେହେନ୍ଦିନଗର ସରପଞ୍ଚ ରବିନ୍ଦ୍ରନାଥ ପଣ୍ଡା, ସମିତି ସଭ୍ୟା ମଞ୍ଜୁଲତା ସ୍ୱାଇଁ,ବ୍ଲକ ମହିଳା ସଭାନେତ୍ରୀ ଶର୍ମିଷ୍ଠା ନାୟକ,ନାରୀନେତ୍ରୀ ଭାରତୀ ଦଳାଇ, ଅମୀୟ ପରିଡା,ବନ୍ଧକଟାର ପୂର୍ବତନ ସରପଞ୍ଚ ବିମଳେନ୍ଦୁ ସ୍ୱାଇଁ,ବଛରାଇର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ,ଦଳିତ ନେତା ସୁଶାନ୍ତ ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧରେ ମେହେନ୍ଦିନଗର ଯୁବନେତା ଭରତ ଚନ୍ଦ୍ର ଲେଙ୍କା, ଦେବେନ୍ଦ୍ର ପରିଡା,ବିକ୍ରମ କେଶରୀ ଲେଙ୍କା,ସରୋଜକାନ୍ତ ନାୟକ,ସଂଗ୍ରାମ ପରିଡା,ସ୍ମୃତିରଞ୍ଜନ ପଟ୍ଟନାୟକ,ଶିବାନୀ କାନ୍ତ ଦାଶଙ୍କ ସମେତ ଦୁଇଟି ପଞ୍ଚାୟତର ୨ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ସମେତ ସମସ୍ତ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜମପଡାର ପୂର୍ବତନ ସରପଞ୍ଚ ସୌମ୍ୟରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ ।

# ଖଡ଼ିଅଣ୍ଟା ହାଇସ୍କୁଲର ୪୩ ତମ ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ, ୨୬।୬ (ସ୍ୱ.ପ୍ର)



ବାର୍ଷିକ ଉତ୍ସବରେ ଅତିଥିମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ଗ୍ରାମ ପଞ୍ଚାୟତ ସରକାରୀ ହାଇସ୍କୁଲର ୪୩ତମ ପ୍ରତିଷ୍ଠା ଉତ୍ସବ ବୁଧବାର ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ଉତ୍ସବରେ ହାଇସ୍କୁଲ ପ୍ରଧାନଶିକ୍ଷକ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ପୌରୋହିତ୍ୟ କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟ ମୁଖ୍ୟଅତିଥି, ଶିକ୍ଷାବିତ୍ ପଦ୍ମନାଭ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ୧୯୭୭ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ହାଇସ୍କୁଲର ଇତିହାସ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ହାଇସ୍କୁଲର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଅଧ୍ୟୟନରତ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଲାଭ କରି ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଉତ୍ସବରେ ପ୍ରତିଷ୍ଠାତା ସଭ୍ୟ ପର୍ଶୁରାମ ଜେନା, ଶିକ୍ଷକ ବିଜୟ ଆଚାର୍ଯ୍ୟ, ଶିକ୍ଷକ ସର୍ବେଶ୍ୱର ପତି, ବିଦ୍ୟାଧର ମହାନ୍ତି, ଦାମୋଦର ଦାସ, ସିଆରସିସି ବିଶ୍ୱରଞ୍ଜନ ଦାଶ, ନିରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟିର ସଦସ୍ୟ ଅକ୍ଷୟ ପଣ୍ଡା, ସନ୍ତୋଷ ମଳିକ, ଲକ୍ଷ୍ମୀପ୍ରିୟା ମଳିକ, ପ୍ରବୀର ନାୟକଙ୍କ ସମେତ ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ମାନୁପ୍ରିୟା ପ୍ରଧାନ, ସନ୍ଦୀପ ଜେନା, ତପସ୍ୱିନୀ ବେହେରା,ରମାକାନ୍ତ ତରାଇ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ପର୍ଶୁରାମ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ନିଶା ମୁକ୍ତି ଦିବସ ଉପଲକ୍ଷେ ସଚେତନତା

# ନିଶାଦ୍ରବ୍ୟ ସେବନରୁ ନିବୃତ୍ତ ରହିବାକୁ ପରାମର୍ଶ

କେନ୍ଦ୍ରାପଡା ଅଫିସ, ୨୬।୬



ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସହରସ୍ଥ ପୌରାଞ୍ଚଳ ଉର୍ଦ୍ଦୁ ଲାଇବ୍ରେରୀ ପରିସରସରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ମୁକ୍ତ ଦିବସ ଉପଲକ୍ଷେ ନିଶାଦ୍ରବ୍ୟ ବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ଏକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ବସନ୍ତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିଶାଦ୍ରବ ସେବନ ଓ ଚୋରା ଚାଲାଣ ନେଇ ସମାଜରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟଅତିରିକ୍ତ ଚିକିତ୍ସାଧିକାରୀ ଡା. ମିର୍ଜା ବାବର ବେଗ୍ ନିଶା ଚୋରା କାରବାର ଉପରେ ପ୍ରତିବନ୍ଧକ ଲଗାଇବା ସହ ନିଶା ଛାଡିବାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ବିଜ୍ଞାନ ନିରୀକ୍ଷକ ପୀତବାସ ପଣ୍ଡା, ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟକର୍ତ୍ତା ରବୀନ୍ଦ୍ର କୁମାର କର, ଭଉଣୀ ସଞ୍ଜୁକ୍ତା ଅତ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଯୋଗଗୁରୁ ସଞ୍ଜୟ ବାବା ଯୋଗଦେଇ ନିଶା ସେବନ ଦ୍ୱାରା ନିଜର ଓ ସମାଜର ହେଉଥିବା କ୍ଷତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତୃପ୍ତିମୟୀ ଜେନା ନିଶା ନିବାରଣ ଉପରେ କବିତା ପାଠ କରିଥିଲେ। କୁନି କଳାକାର କିରଣ ବଳଦେବଜୀଉଙ୍କ ଉପରେ ଆଧାରିତ ଗୀତରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟରୁ ଏକ ସଚେତନତା ରଥ ବାହାରିଥିଲା। ଏହାକୁ ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱପ୍ନାଂଶୁ କୁମାର ଦାସ, ସର୍ବେଶ୍ୱର ବାରିକ, ସଞ୍ଜୟ ବାରିକ, ସଞ୍ଜୟ ମଥାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ୩ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରରେ ତାଲା

ମହାକାଳପଡ଼ା, ୨୬।୬ (ଡି.ଏନ୍.ଏ.)



ଆହତ ଛାତ୍ର ରୋହିତ।

**ଉତ୍ତର ଜମ୍ବୁ ଅଙ୍ଗନୱାଡି କେନ୍ଦ୍ର**

- କୁକୁର କାମୁଡ଼ାରେ ଜଣେ ଶିଶୁ ଗୁରୁତର
- କର୍ମୀଙ୍କ ଅବହେଳାରୁ ଦୁର୍ଘଟଣା ଅଭିଯୋଗ
- ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ- ସିଡିଏମ୍‌ଓ

ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ସକାଶେ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରମାନ ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ଯତ୍ନ ନିଆଯିବା ପାଇଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ନିଯୁକ୍ତ ହୋଇଛନ୍ତି। ହେଲେ ପିଲାମାନେ ବସୁଥିବା ଗୃହ ସୁରକ୍ଷିତ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଏଭଳି ଏକ ଘଟଣା ନଜରକୁ ଆସିଛି। ଜମ୍ବୁ ପଞ୍ଚାୟତ ଉତ୍ତର ଜମ୍ବୁ ଅଙ୍ଗନୱାଡି କେନ୍ଦ୍ର ଚତୁଃପାର୍ଶ୍ୱରେ ପାଚେରୀ ନ ଥିବାରୁ ଗୃହ ଭିତରେ କୁକୁର ପଶି ଉତ୍ପାତ କରୁଛନ୍ତି। ଗତ ଶନିବାର ଉକ୍ତ କେନ୍ଦ୍ରରେ ଜନୈକ ଶିଶୁଙ୍କୁ କୁକୁର କାମୁଡ଼ି ରକ୍ତାକ୍ତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ଶନିବାର ଦୁଇ ଚାରିଟା ବୁଲା କୁକୁର ଉକ୍ତ କେନ୍ଦ୍ର ଭିତରେ ପଶି ଶିଶୁମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଛାତ୍ର ରୋହିତ ମାଇତି (୫) ଆହତ ହୋଇଥିଲେ। ରୋହିତଙ୍କ ଗାଲ ଓ ନାକକୁ କୁକୁରମାନେ ରାମ୍ପୁଡି ଦେବା ଯୋଗୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ ତାଙ୍କ ବଡ଼ବାପା ରାଜୀବ ଗ୍ରାମର କେତେଜଣ ଯୁବକଙ୍କ ସହଯୋଗରେ ରୋହିତଙ୍କୁ ନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମେଡିକାଲରେ ପ୍ରତିଷେଧକ ଟିକା ଖାଇବା ପରେ ରୋହିତଙ୍କୁ ଘରକୁ ଆଣିଥିଲେ। ତେବେ ରୋହିତଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ କୁକୁର କାମୁଡ଼ି ଥିବା ବେଳେ ଉକ୍ତ କେନ୍ଦ୍ରର କର୍ମୀ ତାଙ୍କ ଚିକିତ୍ସା ନିମନ୍ତେ କୌଣସି ପଦକ୍ଷେପ ନ ନେଇ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ଗତ ଶନିବାର ଘଟିଥିବା ବେଳେ ସ୍ଥାନୀୟ ସରପଞ୍ଚ ପଞ୍ଚମୀ ମଣ୍ଡଳ ଗତ ସୋମବାରଠାରୁ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ମଣ୍ଡଳଙ୍କୁ ପଚାରିବାରେ, ଉକ୍ତ କେନ୍ଦ୍ର ପରିସରରେ ସବୁବେଳେ ବୁଲା କୁକୁରମାନେ ବୁଲାବୁଲି କରୁଛନ୍ତି। ଅଙ୍ଗନୱାଡି କର୍ମୀ ଜୟନ୍ତୀ ଗିରି ଶିଶୁଙ୍କ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନ ଥିବା ଯୋଗୁ କୁକୁର ଆକ୍ରମଣରେ ଉକ୍ତ କେନ୍ଦ୍ରର ଛାତ୍ର ରୋହିତ ଆହତ ହୋଇଛନ୍ତି। ଏଣୁ ଉକ୍ତ ଅଙ୍ଗନୱାଡି ଗୃହରେ ସେ ତାଲା ପକାଇ ଦେଇଥିବା ସରପଞ୍ଚ ମଣ୍ଡଳ କହିଛନ୍ତି। ଏ ସମ୍ପର୍କରେ ରୋହିତଙ୍କ ମା' କବିତା ଓ ବାପା ବିଶ୍ୱଜିତ୍ କୁହନ୍ତି, ଅଙ୍ଗନୱାଡି କେନ୍ଦ୍ରରେ ସବୁବେଳେ ବୁଲା କୁକୁର ପଶି ଯାଆନ୍ତି। ଗତ ଶନିବାର ରୋହିତଙ୍କୁ କୁକୁର କାମୁଡ଼ି ଦେବାରୁ ତାର ବଡ଼ବାପା ତାକୁ ମେଡିକାଲ ନେଇଥିଲେ। ଏଥିରେ ଉକ୍ତ କେନ୍ଦ୍ରର କର୍ମୀ କୌଣସି ପ୍ରକାର ସହଯୋଗ କରି ନ ଥିଲେ। ଏ ନେଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିଏମ୍‌ଓ) ମନୋରମା ସ୍ୱାଇଁଙ୍କୁ ପଚାରିବାରେ, ଘଟଣାର ତଦନ୍ତ ପାଇଁ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଜୟନ୍ତୀଙ୍କୁ ପଚାରିବାରେ କୁକୁରମାନେ ବିଭିନ୍ନ ସମୟରେ କେନ୍ଦ୍ର ଭିତରକୁ ପସି ଯାଇଥାନ୍ତି। ଶନିବାର କୁକୁର ପଶି ରୋହିତଙ୍କୁ କାମୁଡ଼ି ଦେଇଥିଲା। ପରେ ତାଙ୍କୁ ମେଡିକାଲ ନେବା ବ୍ୟବସ୍ଥା କରାଯାଇଥିଲା ବୋଲି ଜୟନ୍ତୀ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୭/୨୦୧୯ Bhubaneswar, Thursday, June, 27/ 2019

## ସଂକ୍ଷେପରେ

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଚଣ୍ଡିଖୋଲ,୨୬।୬(ଡି.ଏନ.ଏ.)– ବଡ଼ଚଣା ବ୍ଲକ ଅନ୍ତର୍ଗତ ବାରିମୂଳ ଗ୍ରାମରେ ବୁଧବାର ଜଣେ ଯୁବକଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ବାରିମୂଳ ଗ୍ରାମର ବିକ୍ରମ ମହାରଣା (୪୦)। ବିକ୍ରମ ବିଲରେ କାମ କରୁଥିଲାବେଳେ ହଠାତ ପ୍ରବଳ ଖରାରେ ମୁଣ୍ଡ ବୁଲାଇ ଦେବାରୁ ତଳେ ପଡ଼ିଯାଇଥିଲେ। ପରେ ସେ ପାଖରେ ଥିବା ଗୋଟିଏ ବାଲଟି ପାଣି ନିଜ ଉପରେ ଢାଳି ଦେଇଥିଲେ। ପରେ ପରିବାର ଓ ଗ୍ରାମବାସୀ ବିକ୍ରମଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବିକ୍ରମ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କଳାପଥର ଖାଦାନରେ ଚଢାଉ: ଟ୍ରକ୍, ହିଟାଚି ମେଶିନ୍ ଜବତ

ଧର୍ମଶାଳା୨୬।୬(ଡି.ଏନ୍.ଏ.)– ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନଭାବେ ଖନନ କରାଯାଉଛି। ଖବର ପାଇବା ପରେ ବୁଧବାର ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲା ଚଢାଉ କରିଥିଲେ। ଏହି ସମୟରେ ଖନନରେ ବ୍ୟବହାର କରାଯାଇଥିବା ଏକ ହିଟାଚି ମେଶିନ ସହ କଳାପଥର ଲୋଡିଂ ହେଉଥିବା ଏକ ଟ୍ରକ୍ ଜବତ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଏହି ଖାଦାନ ଉପରେ ପୂର୍ବରୁ ବହୁବାର ବେଆଇନ ଖନନ ବେଳେ ତହସିଲ ପକ୍ଷରୁ ଚଢାଉ କରାଯାଇ ଟ୍ରକ୍ ଓ ମେଶିନ୍ ଜବତ କରାଯାଇ ଜରିମାନା ମଧ୍ୟ ଆଦାୟ ହୋଇଛି। ମାତ୍ର ଏହା ପଥର ମାଫିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିବାରୁ ସେମାନେ ବେଆଇନଭାବେ ଖନନକରି ଚୋରା ଚାଲାଣ କରିବାରେ ଲାଗିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

■ହରିଦାସପୁର-ପାରାଦୀପ ପ୍ରଥମ ଫାଟକବିହୀନ ରେଳପଥ

# ୩୦ରେ ଗଡ଼ିବ ପ୍ରଥମ ରେଳ ଇଞ୍ଜିନ

ଚଣ୍ଡିଖୋଲ,୨୬।୬(ଡି.ଏନ୍.ଏ.) ଦୀର୍ଘଦିନର ଅପେକ୍ଷା ପରେ ପ୍ରଥମ କରି ଫାଟକ ବିହୀନ ରେଳପଥ ନିର୍ମାଣ ହୋଇ ଆସନ୍ତା ୩୦ ତାରିଖରେ କେନ୍ଦ୍ରାପଡ଼ା ଜିଲାକୁ ରେଳ ଇଞ୍ଜିନ ଗଡ଼ିବ। ଓଡ଼ିଶାର ପ୍ରଥମ ଫାଟକବିହୀନ ରେଳପଥ ଭାବେ ନିର୍ମାଣ କରାଯାଇଥିବା ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୪୭ କି.ମି. ରେଳପଥ କାର୍ଯ୍ୟ ଶେଷ ହୋଇଥିଲାବେଳେ ବୁଧବାର ଏକ ଡେମୋ ଇଞ୍ଜିନ ସାହାଯ୍ୟରେ ଏହାର ବିଦ୍ୟୁତ୍ ସେବା ନିରୀକ୍ଷଣ କରାଯାଇଛି। ଦୀର୍ଘ ୮୨ କି.ମି. ୨ ଶହ ମିଟର ଲମ୍ବ ଏହି ରେଳପଥ ୩ଟି ଜିଲା ଯଥା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଦେଇ ଯାଉଛି। ୧୯୯୭ରେ ଏହି ପ୍ରକଳ୍ପ ପାଇଁ ପ୍ରଥମେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ଏହା ୨୦୦୭ରେ ଶେଷ ହେବ ବୋଲି ସ୍ଥିରୀକୃତ ହୋଇଥିଲା। ତେବେ ଜମି ଅଧିଗ୍ରହଣର ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ୨୦୦୭ରୁ ଆରମ୍ଭ ହେବାକୁ ଥିଲାବେଳେ ଏହା



ହୋଇପାରି ନ ଥିଲା। ସେହି ସମୟରେ ପ୍ରକଳ୍ପ ପାଇଁ ଠିକା ନେଇଥିବା କମ୍ପାନୀ ଜମି ଅଧିଗ୍ରହଣ ସମସ୍ୟା ପାଇଁ କାର୍ଯ୍ୟ ଅଧାରୁ ଛାଡ଼ି ପଳାଇଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୩ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୮୨.୨ କି.ମି. ରେଳ ପ୍ରକଳ୍ପ ପାଇଁ ୪୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲାବେଳେ ଧୀରେ ଧୀରେ ଏହି ଅଟକଳ ବୃଦ୍ଧି ପାଇଥିଲା। ୨୦୧୬ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରି ପୂର୍ବତଟ ରେଳ ବିଭାଗ ତରଫରୁ ଏଠାରେ ରେଳ ଚଳାଚଳ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲାବେଳେ କାର୍ଯ୍ୟରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଏହି ପ୍ରକଳ୍ପ ମଧ୍ୟରେ ଯାଜପୁର ଜିଲାର ୨୯ କି.ମି ଥିଲାବେଳେ କେନ୍ଦ୍ରାପଡ଼ାର ୪୩ କି.ମି ଓ ଜଗତସିଂହପୁର ଜିଲାର ୧୦ କି.ମି ରହିଛି। ସେଥିମଧ୍ୟରୁ ରହିଥିବା ୮ଟି ଷ୍ଟେଶନ କାର୍ଯ୍ୟ ଶେଷ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ଦୀର୍ଘ ୪୫ କି.ମି ରେଳ ଲାଇନ ବିଛା ହେବା ସହ ବିଦ୍ୟୁତକରଣ କାର୍ଯ୍ୟ ଶେଷ ହୋଇଯାଇଛି। ସେଥିପାଇଁ ପ୍ରଥମ କରି କେନ୍ଦ୍ରାପଡ଼ା ଜିଲାକୁ ରେଳ ଗଡ଼ିବ। ପୂର୍ବରୁ ଯାଜପୁର ଓ ଜଗତସିଂହପୁରରେ ରେଳପଥ ଥିଲାବେଳେ କେନ୍ଦ୍ରାପଡ଼ା ଜିଲାରେ ଆଦୌ ନ ଥିଲା। କେନ୍ଦ୍ରୀୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକରେ ୨୦୧୯ ଜୁନ୍ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ରେଳ ବିକାଶ ନିଗମ ଲିମିଟେଡ (ଆରଭିଏନଏଲ) ପ୍ରତିଶ୍ରୁତି ଦେଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ଯାଜପୁର ଜିଲାର ହରିଦାସପୁରଠାରୁ କେନ୍ଦ୍ରାପଡ଼ା ଜିଲାର ବାଜପୁରା ଷ୍ଟେଶନ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖରେ ଏହି ଅଂଶରେ ପରୀକ୍ଷାମୂଳକ ଭାବେ ରେଳ ଇଞ୍ଜିନ ଚଳାଚଳ ଆରମ୍ଭ କରିବ ବୋଲି ଆରଭିଏନଏଲ ସୂଚନା ଦେଇଛି। ତେବେ ଏହା ମଧ୍ୟରେ ଜଗତସିଂହପୁର ଜିଲା ଦେଇ ପାରାଦୀପ ପର୍ଯ୍ୟନ୍ତ ଯାଉଥିବା ଏହି ପ୍ରକଳ୍ପର ୧୦ କି.ମି. କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଯେଉଁଥିପାଇଁ ପ୍ରକଳ୍ପର ଶେଷ ମୁଣ୍ଡ ପର୍ଯ୍ୟନ୍ତ ରେଳ ଗଡ଼ିବା ସମ୍ଭବ ହୋଇପାରିବନାହିଁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଆରଭିଏନଏଲର ଡିଜିଏମ୍ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ, ବର୍ତ୍ତମାନ ପ୍ରାୟ ୪୫ କି.ମି. ପର୍ଯ୍ୟନ୍ତ ରେଳ ଲାଇନ ଓ ବିଦ୍ୟୁତ କାମ ଶେଷ ହୋଇଯାଇଛି। ତେଣୁ ସେଥିରେ ପରୀକ୍ଷାମୂଳକ ଭାବେ ୩୦ ତାରିଖରେ ରେଳ ଇଞ୍ଜିନ ଗଡ଼ାଇବେ ବୋଲି କହିଛନ୍ତି।

## ସ୍ୱାମୀଙ୍କ ଛୁରାମାଡ଼ରେ ପ୍ରଥମ ସ୍ତ୍ରୀ ଗୁରୁତର

ଭଦ୍ରକ ଅଫିସ, ୨୬।୬: ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ନେଇ ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା(ନଂ.୧୧୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମିର୍ଜାପୁର କାଜିମସ୍‌ଜିଦ୍ ନିକଟରେ ରହୁଥିବା ରେହେନା ବିବି ଶେଖ୍ ସେରାତୁଲାଙ୍କ ପ୍ରଥମ ସ୍ତ୍ରୀ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ରେହେନା ଗତ ଦୁଇବର୍ଷ ଧରି ପୁଅ ସହ ବାପଘରେ ରହିଆସୁଛନ୍ତି। ଗତ ୧୭ ତାରିଖରେ ସେ ଖାନ୍‌କାଠାରୁ ଫେରୁଥିବା ବେଳେ ତାଙ୍କ ସ୍ୱାମୀ ଓ ୨ୟ ପତ୍ନୀ ଦୁହେଁ ମିଶି ଛୁରିରେ ରେହେନାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ରେହେନା ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ମଙ୍ଗଳବାର ସେ ଏ ନେଇ ଥାନାରେ ଏତଲା ଦାଏର କରିଛନ୍ତି।

■ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ ଘଟଣା

# ପୂର୍ବତନ ସଭାପତିଙ୍କ ଆତ୍ମହତ୍ୟା ଉଦ୍ୟମ

ଦଶରଥପୁର,୨୬।୬(ଡି.ଏନ୍.ଏ.)

କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଦଶରଥପୁର ଶାଖା ଅଧୀନରେ ଥିବା ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ ପରେ ମଙ୍ଗଳବାର ସଭାପତି ଅଧର ଧଳ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଏହି ଘଟଣାକୁ ନେଇ ପୂର୍ବତନ ସଭାପତି ଅଧର ବୁଧବାର ସକାଳେ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ପୂର୍ବତନ ସଭାପତିଙ୍କ ଫଟୋ ଉଠାଇବାବେଳେ ତାଙ୍କ ଆତ୍ମୀୟ ଲୋକେ ବିରୋଧ କରିଥିଲେ। ମୁଖ୍ୟ ଚିକିତ୍ସାଳୟରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ପରିବାର ଲୋକେ ସେଠାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏ ନେଇ ଅଧରଙ୍କ ପରିବାର ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଏ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ହେମନ୍ତ ବେହେରାଙ୍କୁ ପଚାରିବାରୁ, ଅଧର ବିଷପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା କହିଛନ୍ତି। ପ୍ରକାଶ ଯେ, ଏହି କୃଷି ସମବାୟରେ ଦୁର୍ନୀତି ସୀମା ଲଂଘିଥିବା ନେଇ ଅଭିଯୋଗ ହେବା ପରେ ଡେପୁଟି ରେଜିଷ୍ଟ୍ରାର ଅଫ କୋଅପରେଟିଭ ସୋସାଇଟି କଟକ ଡିଭିଜନ ପତ୍ର ସଂଖ୍ୟା ୬୦୩, ୧୭।୬।୨୦୧୯ରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇ ଶୁକ୍ରବାର ଏଆର୍‌ସିଏସ୍ ମଣିରଞ୍ଜନ ମିଶ୍ର ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କେତେକ କାଗଜପତ୍ର ଜବତ କରିଥିଲେ। ସମ୍ପୃକ୍ତ ସମିତିର ସଭାପତି ଅଧର ଏବଂ ସହସମ୍ପାଦକ ଜଗନ୍ନାଥ ଦାସ ଚାଷୀଙ୍କୁ ଋଣଦେବା ନାଁରେ ଶୋଷଣ କରିବା ସହ ଚାଷୀଙ୍କ ଅଗୋଚରରେ ଋଣ ଖାତାରୁ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ବିଭାଗୀୟ ତଦନ୍ତରେ ସତ୍ୟତା ଥିବା ତଦନ୍ତ ଅଧିକାରୀ ମଣିରଞ୍ଜନ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ମଧ୍ୟାହ୍ନଭୋଜନ ରୋଷେଇ ବେଳେ ଅଗ୍ନିକାଣ୍ଡ

ଜଳେଶ୍ୱର,୨୬।୬ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନାମ୍ପୋ ସେଣ୍ଟ୍ରାଲ ପ୍ରାଇମେରୀ ସ୍କୁଲର ରୋଷେଇ ଘରେ ବୁଧବାର ମଧ୍ୟାହ୍ନ ଭୋଜନ ରନ୍ଧାଯାଉଥିବା ସମୟରେ ବ୍ୟବହୃତ ଗ୍ୟାସ ସିଲିଣ୍ଡର ପାଇପ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ଆଶଙ୍କା କରି କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକ ଶତାଧିକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲେ। ଖବରପାଇ ଜଳେଶ୍ୱରରୁ ଅଗ୍ନିଶମ ବିଭାଗ କର୍ମଚାରୀ ସ୍କୁଲରେ ପହଞ୍ଚିବା ପୂର୍ବରୁ ସ୍କୁଲରେ କାର୍ଯ୍ୟରତ କର୍ମଚାରୀ ଗ୍ୟାସ ସିଲିଣ୍ଡର ରେଗୁଲେଟରକୁ ତୁରନ୍ତ ବନ୍ଦ କରିବା ଦ୍ୱାରା ଅଗ୍ନିକାଣ୍ଡରୁ ସ୍କୁଲ ଗୃହ ବର୍ତ୍ତି ଯାଇଥିଲା। ଖବର ପାଇ ବହୁ ଅଭିଭାବକ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ହୋହଲ୍ଲା କରିଥିଲେ।

## ଘରୁ ବାହାରିଲା ୩୫ ନାଗଛୁଆ



ସାପଧରାଳି ସେକ୍ ମିର୍ଜା ଉଦ୍ଧାର ନାଗଛୁଆ ଧରିଛନ୍ତି।

**ଧାମନଗର, ୨୬।୬ (ଡି.ଏନ.ଏ.) –** ଧାମନଗର ଗୋଖାଦିକି ସାହିର ଲକ୍ଷ୍ମୀଧର ମଳିକଙ୍କ ମାଟିଘରୁ ବୁଧବାର ୩୫ଟି ନାଗ ଛୁଆ ଉଦ୍ଧାର କରାଯାଇଛି। ଦୁଇ ତିନିଦିନ ଧରି ଲକ୍ଷ୍ମୀଧରଙ୍କ ଘରେ ନାଗଛୁଆ ଖେଳୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକେ ଭୟରେ ଘର ଛାଡ଼ି ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇ ସାପଧରାଳିଙ୍କୁ ଖବର ଦେଇଥିଲେ। ସ୍ନେକହେଲ୍ପର ସେକ୍ ମିର୍ଜା ବୁଧବାର ପହଞ୍ଚି ଲକ୍ଷ୍ମୀଧରଙ୍କ ୫ ବଖରା ମାଟିଘରକୁ ସମ୍ପୂର୍ଣ୍ଣ ତାଡ଼ି ଦେଇ ସାପଗାତରୁ ନାଗଛୁଆ ଉଦ୍ଧାର କରିଥିଲେ। ହେଲେ ନାଗ କି ନାଗୁଣୀ ଧରା ପଡ଼ି ନ ଥିବାରୁ ଭୟର ବାତାବରଣ ରହିଛି। ଅପରାହ୍ନରେ ଏହି ବ୍ଲକର ଆନନ୍ଦପୁରଠାରେ ସାପ ବାହାରିବାର ସନ୍ଧାନ ମିଳିବା ପରେ ସେକ୍ ମିର୍ଜା ସେଠାକୁ ଯାଇ ସାପ ଖୋଜିବାରେ ଲାଗିପଡ଼ିଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା,୨୬।୬(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୋଚିଲାଡିହା ପଞ୍ଚାୟତର ଚକରାପାଳ ନାଳ ପାର୍ଶ୍ୱ ଏକ ଜାମୁଗଛରୁ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ଡିମଗଡିଆ ଗ୍ରାମର ସୁନାରାମ ସିଂ (୫୫) ବୋଲି ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୨୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୁନାରାମଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ସେଥିନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ, ୨ଗିରଫ

ଧର୍ମଶାଳା/ଜେନାପୁର, ୨୬।୬ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ପୋଲିସ ଜମିଜମା ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଅଭିଯୋଗରେ ବୁଧବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଭଅିଯୁକ୍ତମାନେ ହେଲେ ସଞ୍ଜୟ ମହାନ୍ତି ଓ ମନୋଜ ମହାନ୍ତି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବ ଜମିଜମା ବିବାଦକୁ ନେଇ ସତ୍ୟଭାମା ମହାନ୍ତି ଓ ନିହାରିକା ମହାନ୍ତିଙ୍କ ପରିବାର ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ୨ଟି ପୃଥକ୍ ମାମଲା (୧୪୪/୧୯ ଓ ୧୪୫/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ସତ୍ୟଭାମାଙ୍କ ଅଭିଯୋଗ କ୍ରମେ ସଞ୍ଜୟ ଓ ନିହାରିକାଙ୍କ ଅଭିଯୋଗ କ୍ରମେ ମନୋଜଙ୍କୁ ଗିରଫ କରାଯାଇ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁନ, ୨୦୧୯



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।

-ମନୋଜ ଦାସ



## ସଂକ୍ଷେପରେ

### ଜୟ ବିଜୟ ଦ୍ୱାର ନିକଟରେ ଛେପ ଶ୍ରୀମନ୍ଦିରରେ ହେଲା ମହାସ୍ନାନ

**ପୁରୀ ଅଫିସ, ୨୬।୬:** ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟରେ ଛେପ ପଡ଼ିବାରୁ ବୁଧବାର ଶ୍ରୀମନ୍ଦିରରେ ମହାସ୍ନାନ ହୋଇଛି। ଦ୍ୱାରପାଳ ପୂଜା ବସିଥିବାବେଳେ ଏହି ଘଟଣା ଘଟିଥିଲା। ଫଳରେ ମହାସ୍ନାନ ପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ, ଠାକୁର ଏବେ ଅଣସର ଘରେ ଅଛନ୍ତି। ଅଣସର ତାଟିରେ ପୂଜା ପାଉଛନ୍ତି ପଟିଦିଅଁ। ବୁଧବାର ମଧାହ୍ନ ୧୨ଟାରେ ଦ୍ୱାରପାଳ ପୂଜା ଚାଲିଥିଲା। ଏହି ସମୟରେ ଜଣେ ବ୍ୟକ୍ତି ପହଞ୍ଚି ଭିତରକୁ ଯିବା ପାଇଁ କହିଥିଲେ। ତାଙ୍କୁ ବାରଣ କରାଯାଇଥିଲା। ବର୍ତ୍ତମାନ ଦ୍ୱାରପାଳ ପୂଜା ଚାଲିଛି ବୋଲି ସେଠାରେ ଥିବା ଜେଟିପି କହିଥିଲେ। ହେଲେ ସେ ଶୁଣି ନ ଥିଲେ। ଭିତରକୁ ଯିବା ପାଇଁ ଜିଦ୍ ଧରିଥିଲେ। ଜେଟିପି ତାଙ୍କୁ ମନା କରିବାରୁ ସେ ରାଗିଯାଇ ଜୟବିଜୟ ଦ୍ୱାର ନିକଟରେ ଛେପ ପକାଇଥିଲେ। ତାଙ୍କୁ ଧରି ତୁରନ୍ତ ବାହାରକୁ ଅଣାଯାଇଥିଲା। ସେହିଠାରୁ ହିଁ ନୀତି ଅଟକ ରଖାଯାଇଥିଲା। ଏହାପରେ ମହାସ୍ନାନ ପୂଜା ପାଇଁ ବିଧି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ସରିବା ପରେ ଯେଉଁଠାରୁ ନୀତି ଅଟକିଥିଲା ସେହିଠାରୁ ପୁଣି ନୀତି ଚାଲିଥିଲା। ତେବେ ଛେପ ପକାଇଥିବା ବ୍ୟକ୍ତି ଜଣେ ମାନସିକ ବିକାରଗ୍ରସ୍ତ ବୋଲି କୁହାଯାଉଛି।

### ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଦଶପଲ୍ଲା, ୨୬।୬(ଡି.ଏନ.ଏ.):** ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲ ପରିସରରେ ସ୍ମୃତିସଂସଦ ସଭାପତି ସୁଶାନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ସମାରୋହ ଅନୁଷ୍ଠିତ ହୋଇଥିଲା। କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି, ପ୍ରଫେସର ବିବେକାନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବିଧାୟକ ରମେଶ ଚନ୍ଦ୍ର ବେହେରା, ପ୍ରଫେସର ସଙ୍ଘମିତ୍ରା ମିଶ୍ର, ଅଭିନେତା ସୁବାସ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟକାର ମିଶ୍ରଙ୍କ ବିଭିନ୍ନ ନାଟକ ଓ ତାଙ୍କ ଗୁଣାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ଆଡ୍‌ଭୋକେଟ ଶରତ ବେହେରା ଅତିଥି ପରିଚୟ ଦେଇଥିଲେ। ଆଡ୍‌ଭୋକେଟ ଚି+ତରଞ୍ଜନ କର ବାର୍ଷିକ ବିବରଣୀ ପାଠ କରି ଦଶପଲ୍ଲାରେ ସ୍ଥାୟୀ ରଙ୍ଗମଞ୍ଚ ଓ ଅଡିଟୋରିୟମ ନିର୍ମାଣ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଫେସର ସଙ୍ଘମିତ୍ରା ମିଶ୍ରଙ୍କୁ ରାମଚନ୍ଦ୍ର ସ୍ମୃତି ସମ୍ମାନ ଓ ସୁବାସ ଦାସଙ୍କୁ ରାମଚନ୍ଦ୍ର ଲୋକନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ନାଟ୍ୟକାର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ନିର୍ଯାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ପୁରୀ ଅଫିସ, ୨୬।୬:** ବିବାହକୁ ନେଇ ଝିଅଟିଏ ବହୁ ସ୍ୱପ୍ନ ଦେଖିଥାଏ। ତେବେ ଯୌତୁକ ରୂପୀ ରାକ୍ଷସ କବଳରେ କବଳିତ ହୋଇ ଶେଷରେ ନିଜ ଜୀବନ ହାରିବା ଭଳି ଚରମ ପଦକ୍ଷେପ ନେବାକୁ ମଧ ପଛାଇ ନ ଥାଏ। ବୁଧବାର କୁମ୍ଭାରପଡ଼ା ଥାନା ଅଧୀନ ଅବକାଶ ଲେନ ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ଜଣେ ବିବାହିତ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପୋଲିସ। ମୃତକ ହେଲେ ମଧୁସ୍ମିତା ବରାଳ। ଅଧିକ ଯୌତୁକଜନିତ ନିର୍ଯାତନା ସହି ନ ପାରି ମଧୁସ୍ମିତା ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ପ୍ରସନ୍ନ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଯୌତୁକ ନିରୋଧ ଆକ୍ଟରେ ଏକ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବଳଙ୍ଗା ଥାନା ଅଧୀନ ତୋରିଆବନ୍ଧ ଗ୍ରାମର ପ୍ରସନ୍ନ ପରିଡ଼ାଙ୍କ ଝିଅ ସେହି ଥାନା ଅନ୍ତର୍ଗତ ସାଦରିଆ ଗ୍ରାମର ଦିଲୀପ ବରାଳଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ସମସ୍ତ ଯୌତୁକ ଦିଆଯାଇଥିଲା। ବିବାହ ପରେ ଏହି ଦମ୍ପତି ଅବକାଶ ଲେନ୍‌ରେ ଭଡ଼ାଘରେ ରହୁଥିଲେ। ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ ଏବଂ ଦିଅର ଅଧିକ ଯୌତୁକ ଦାବିକରି ମଧୁସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବହୁ ହଇରାଣ କରୁଥିଲେ। ନିର୍ଯାତନା ସହି ନ ପାରି ଶେଷରେ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ବାପା ପ୍ରସନ୍ନ ଅଭିଯୋଗ କରିଛନ୍ତି।

# ରଥ ପାଇଁ ଆସେ ପାଞ୍ଚଥର ଆଜ୍ଞାମାଳ

**ପୁରୀ ଅଫିସ, ୨୬।୬**

ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହିଁ ଅନୁଷ୍ଠିତ ହୋଇଆସୁଛି। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ ସ୍ୱୟଂ ମହାପ୍ରଭୁ ଏହି ଯାତ୍ରା କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାତ୍ରା ନିମନ୍ତେ ତିନିରଥକୁ ଶିଳ୍ପ ଶାସ୍ତ୍ରାନୁଯାୟୀ ପାରମ୍ପରିକ ଶିଳ୍ପୀମାନେ ନିର୍ମାଣ କରିଥାନ୍ତି। ରଥ କାର୍ଯ୍ୟ ଆରମ୍ଭରୁ ମହାପ୍ରଭୁଙ୍କର ଦୃଷ୍ଟି ରଥଗୁଡ଼ିକ ଉପରେ ନିବଦ୍ଧ ରହିଥାଏ। ଅର୍ଥାତ୍ ରଥ ପାଇଁ ପାଞ୍ଚ ଥର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିଥାଏ।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟତୃତୀୟା ଦିନ ତିନିବାଡ଼ରୁ ତିନିଗୋଟି ଆଜ୍ଞାମାଳ ରଥଖଳାକୁ ବିଜେ ହୁଅନ୍ତି। ତିନିରଥ ପାଇଁ ପ୍ରସ୍ତୁତ ଥିବା ତିନିଖଣ୍ଡ କାଠରେ ପୂଜାପଣ୍ଡା ସାମନ୍ତ ଏହି ଆଜ୍ଞାମାଳ ଲାଗି କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ତିନିରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏହି କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିବା ପାଇଁ ଦାରୁବିଗ୍ରହଙ୍କ ନିକଟରୁ ପୁନଶ୍ଚ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବା ଚନ୍ଦନ ଯାତ୍ରାର ଭଉଁରି ଦିନ ଆଜ୍ଞାମାଳ ଆସି ତିନିରଥର ୬ ଚକ ଓ ୩ ଅଖରେ ଲାଗି କରାଯାଇଥାଏ। ଏହି ଦିନ ତିନିରଥର ୨ଟି ଲେଖାଏ ଚକ ୩ଟି ଅଖରେ ଯୋଡ଼ାଯାଏ। ଏହାକୁ ଚକ ଡେରା ନୀତି କହନ୍ତି। ପୁନଶ୍ଚ ରଥଯାତ୍ରା ପୂର୍ବଦିନ ନିର୍ମାଣ କାର୍ଯ୍ୟ ସରିବା ପରେ ରଥଗୁଡ଼ିକୁ ସିଂହଦ୍ୱାରକୁ ଟାଣିନେବା ପାଇଁ ଠାକୁରମାନଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ। ଏହି ଆଜ୍ଞାମାଳ ପାଇବା ପରେ ତିନିରଥ ସିଂହଦ୍ୱାରକୁ ଆସନ୍ତି। ରଥଖଳାରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ହୋଇ ସିଂହଦ୍ୱାରରେ ଏକ ସରଳରେଖାରେ ଅବସ୍ଥାନ କରିଥାନ୍ତି। ସେହିଦିନ ରାତ୍ରିରେ ତିନିରଥର ଦଧିନଉତିରେ ଲାଗିବାକୁ ଥିବା ୯ଟି କଳସକୁ ତିନିବାଡ଼ର ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ପ୍ରଥମେ ଏହି କଳସଗୁଡ଼ିକୁ ଜୟବିଜୟ ଦ୍ୱାରକୁ ଅଣାଯାଇଥାଏ। ସନ୍ଧ୍ୟାଧୂପ ସରିବା ପରେ ଜଣେ ପୂଜାପଣ୍ଡା ତିନିବାଡ଼ରୁ ଆଜ୍ଞାମାଳ ନେଇ ତିନି କଳସଙ୍କୁ ଦେଇଥାନ୍ତି। ଚାଙ୍ଗଡ଼ା ମେକାପ ତିନିଖଣ୍ଡ ପତନୀ ଶାଢ଼ି ଦିଅନ୍ତି ଓ ପୂଜାପଣ୍ଡା ତିନି କଳସରେ ବାନ୍ଧନ୍ତି। ଏହାପରେ କୋଠସୁଆଁସିଆମାନେ କଳସ ନେଇ ରଥରେ ବାନ୍ଧିଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା କଳସ ତ୍ରୟର ନାମ ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଲାଗୁଥିବା କଳସ ତ୍ରୟ ହେଲେ ନଭ, ଆକାଶ ଓ ବ୍ୟୋମ। ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥଗୁଡ଼ିକୁ ତିନିବାଡ଼ରୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଏହି ଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା ଓ କାହାଳି ସହ ତିନିରଥ ନିକଟକୁ ଯାଇ ପ୍ରଦାନ କରନ୍ତି। ଏହାପରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଇଥାଏ। ଏହିପରି ଭାବେ ସମୁଦାୟ ପାଞ୍ଚଥର ରଥ ନିମନ୍ତେ ଠାକୁରମାନେ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ରଥ ନିର୍ମାଣଠାରୁ ରଥଯାତ୍ରାକାଳୀନ ସମସ୍ତ କାର୍ଯ୍ୟ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥାଏ ବୋଲି ଡ.ଦାଶ ପ୍ରକାଶ କରିଛନ୍ତି।



ଆଜ୍ଞାମାଳ ନେଇ ଆସୁଛନ୍ତି ପୂଜାପଣ୍ଡା।

## ରଥଖଳାରୁ...

### ଦ୍ୱିତୀୟ ଭୂଇଁ ଛ' କାଠ ଉଠିଲା



ଭୋଇ ସେବକମାନେ ଦ୍ୱିତୀୟ ଭୂଇଁ ଛ'କାଠ ଉଠାଉଛନ୍ତି।

**ପୁରୀ ଅଫିସ, ୨୬।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ଚାରି ନାହାକରେ ପ୍ରଥମ ଭୂଇଁ ଛ' କାଠ ଉଠିବା ପରେ ଦ୍ୱିତୀୟ ଓ ତୃତୀୟ ଭୂଇଁ ଖଞ୍ଜାଯାଇଥିଲା। ବୁଧବାର ତିନିରଥରେ ପ୍ରଥମ ଭୂଇଁରେ ଚଉଦା ନାହାକା ବୁଲିସାରିବା ପରେ ପ୍ରଥମ ଭୂଇଁ ଗୁଣ୍ଡୁରା ଯାଇଥିଲା। ଏଥିସହ ପ୍ରଥମ ଭୂଇଁ ଖମ୍ବ ଉଠିସାରିବା ପରେ ଦ୍ୱିତୀୟ ଭୂଇଁ ଛ'କାଠ ଉଠିଛି। ଏହାପରେ ଭୂଇଁ ଓରା, ଭୂଇଁ ନାହାକା ଲାଗିବ। ତୃତୀୟ ଭୂଇଁ ଖଞ୍ଜା ସରିଛି। ଏହା ଗୁରୁବାର ରଥ ଉପରକୁ ଉଠିବ। ରଥଖଳାରେ ଅଁଳା, ବଡ଼ ପୋଟଳ କାମ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ରୂପକାର ସତ୍ୟରଞ୍ଜନ ମହାପାତ୍ର କହିଛନ୍ତି, ରଥରେ ପଟାଗୁଜ ଶେଷ ହୋଇଛି। ଏଥିରେ ନରବିରାଳ, ସିଂହବିରାଳ ଓ ଗଜବିରାଳ ଖୋଦେଇ କରାଯାଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଲେଖାଏ ଏବଂ ଦର୍ପଦଳନ ରଥର ୬ଟିକୁ ମିଶାଇ ମୋଟ ୩୦ଟି ପଟାଗୁଜ ରହିଛି। ସେହିପରି ନାଟଗୋଡ଼ ଓ ସିଂହାସନ ନିର୍ମାଣ ଚାଲିଛି। ପ୍ରତି ରଥରେ ୮ଟି ଲେଖାଏ ନାଟଗୋଡ଼ ରହିଛି। ଏଥିରେ ଏକ ଅସୁରର ଚିତ୍ର ଖୋଦେଇ କରାଯାଏ। ତିନିରଥର ୪ଟି ଲେଖାଏ ନାଟଗୋଡ଼ କାମ ସରିଛି। ଦର୍ପଦଳନ ରଥ ଚାର ପରଷା କାମ ସରିଛି। ଅନ୍ୟ ଦୁଇ ରଥର ଏହି କାମ ଜାରି ରହିଛି। ଦୋଳବେଦି କୋଣ ପରିସରରେ କମାରସେବକମାନେ ତୃତୀୟ ଭୂଇଁକଣ୍ଟା ତିଆରି କରୁଛନ୍ତି। ତାଗ, ବାଗିଆ, ଗୋଡ଼ିଛାଳ କଣ୍ଟା ପ୍ରସ୍ତୁତି ଚାଲିଛି ବୋଲି ତାଳଧ୍ୱଜ ରଥ ରୂପକାର ଜଗନ୍ନାଥ ମହାରଣା କହିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକାର ସେବକମାନେ ରଥପାର୍ଶ୍ୱ ଦେବଦେବୀ ଚିତ୍ର ଅଙ୍କନ କରୁଛନ୍ତି ବୋଲି ନନ୍ଦିଘୋଷ ରଥ ଚିତ୍ରକାର ଦେବଦତ୍ତ ମହାରଣା କହିଛନ୍ତି।

## ମୋ ଅନୁଭୂତିରୁ...

### 'ମହାପ୍ରଭୁଙ୍କ ପାଖରେ ସମର୍ପିତ ହେଲେ ସବୁ କାର୍ଯ୍ୟ ଅକ୍ଳେଶରେ ହୁଏ'



ନାରାୟଣ ମହାରଣା।

ଦର୍ପଦଳନ ରଥର ମହାରଣା ସେବକ ନାରାୟଣ ମହାରଣା (୫୬)। ବାପା କୃଷ୍ଣଚନ୍ଦ୍ର ମୁଖ୍ୟ ବିଶ୍ୱକର୍ମା। ରଥ ନିର୍ମାଣରେ ତାଙ୍କର ବିଶେଷ ଭୂମିକା ରହିଛି। ୧୦ ବର୍ଷ ବୟସରେ ସେ ରଥଖଳାକୁ ଆସିଥିଲେ। ୧୯୯୬ ନବକଳେବରରେ ଶାଢ଼ି ବନ୍ଧାଇଥିଲେ। ସେ କହନ୍ତି, ମହାପ୍ରଭୁଙ୍କ କରୁଣା ଓ ବାପାଙ୍କ ପ୍ରେରଣାରୁ ରଥ ନିର୍ମାଣରେ ପାରଙ୍ଗମ ହୋଇପାରିଛି। ବାପା ହେଉଛନ୍ତି ମୋ' ଗୁରୁ ଓ ଆଦର୍ଶ। ତାଙ୍କଠାରୁ ରଥ ନିର୍ମାଣ କଳା ଶିଖିଛି। ଆଜି ମଧ କିଛି ଭୁଲ ହେଲେ, ସେ ସଙ୍ଗେ ସଙ୍ଗେ ଆକଟ କରନ୍ତି। ଭୁଲ ସଂଶୋଧନ କରିଦିଅନ୍ତି।

ଦୁଇଟି ନବକଳେବରରେ କାମ କରିଥିବା ନାରାୟଣ କହିଛନ୍ତି ବନଯାଗର ଅନୁଭୂତି ନିଆରା। ଏହାକୁ ଶବ୍ଦରେ ବ୍ୟକ୍ତ କରାଯାଇପାରିବ ନାହିଁ, କେବଳ ଅନୁଭବ କରାଯାଇପାରେ। ବନଯାଗରେ ଯିବାବେଳେ ଲୋକଙ୍କଠୁ ବହୁ ସ୍ନେହ, ଶ୍ରଦ୍ଧା ପାଇଥିଲୁ। କିଏ ଫୁଲ ପକାଇଥିଲେ ତ ପୁଣି କେହି ପାଦ ଧୋଇଦେଇଥିଲେ। ରାସ୍ତା ସାରା କେବଳ ହରିବୋଲ, ହୁଳହୁଳି, ନାମ ସଂକୀର୍ତ୍ତନ, ଜୟ ଜୟକାର ବାତାବରଣରେ ଏକ ଆଧାତ୍ମିକ ଭାବ ଜାଗ୍ରତ ହୋଇଥିଲା। କୌଣସି ସ୍ଥାନରେ ପହଞ୍ଚିବା ପୂର୍ବରୁ ସେଠାରେ ଲୋକେ ସବୁ ବ୍ୟବସ୍ଥା କରିଦେଇଥିଲେ। ଯାତ୍ରାରେ କିଛି ଅସୁବିଧା ହୋଇନାହିଁ। ଏସବୁ ମହାପ୍ରଭୁଙ୍କ ଅପୂର୍ବ ଲୀଳା। ମହାପ୍ରଭୁଙ୍କ ନିକଟରେ ସେବା ମନୋଭାବ ରଖି ନିଜକୁ ସମର୍ପଣ କରିଦେଲେ ସବୁ କାର୍ଯ୍ୟ ଅକ୍ଳେଶରେ ହୋଇଯାଏ, ଏହା ମୁଁ ଅନୁଭବ କରିଛି। ରଥଖଳାରେ ମହାପ୍ରଭୁଙ୍କ ସତ୍ତାକୁ ଅନୁଭବିଛି। ନୀଳଚକ୍ରକୁ ଦେଖି ମଥା ଟେକିଦେଲେ ମନରେ ଅପୂର୍ବ ଶାନ୍ତି ଓ ଶ୍ରଦ୍ଧାଭାବ ଆସେ। ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ଏହିପରି ଭାବେ ମହାପ୍ରଭୁଙ୍କ ସେବା କରି ଚାଲିଥିବି।

■ କୋଟଗଡ଼ ଗ୍ରାମରେ ଖଟ ବୁଲିବା ଘଟଣା

# ଗିରଫ ହେଲେ ଗୁଣିଆ

**ନୟାଗଡ଼ ଅଫିସ, ୨୬।୬**

ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ ଗ୍ରାମରେ ଖଟ ବୁଲିବା ଘଟଣାରେ ବୁଧବାର ପୋଲିସ ସମ୍ପୃକ୍ତ ଗୁଣିଆଙ୍କୁ ଗିରଫ କରିଛି। ସେ ହେଲେ ଚାନ୍ଦପୁର ଥାନା ଗରଡ଼ାପଲ୍ଲୀ ଗ୍ରାମର ହରଷ ଗୁମାନ ସିଂ ।

ପ୍ରକାଶ ଯେ, ଗତ ୧ମାସ ତଳେ କୋଟଗଡ଼ ଗ୍ରାମର ଭାସ୍କର ଦୋରାଙ୍କ ଘରୁ ଚୋରି ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଗତ ୧୦ ତାରିଖରେ କୋଟଗଡ଼ ଗ୍ରାମରେ ଖଟ ବୁଲିଥିଲା। ଖଟଟି ଗୀତାଞ୍ଜଳି ଦୋରାଙ୍କ ଘରେ ଲାଗିଥିଲା। ପରେ ଗ୍ରାମବାସୀ ଓ ଭାସ୍କର ଗୀତାଞ୍ଜଳିଙ୍କୁ ସମସ୍ତ ଚୋରି ଟଙ୍କା ଦେବା ପାଇଁ କହିଥିଲେ। ହେଲେ ସେ ଚୋରି କରି ନ ଥିବା କହିଥିଲେ। ପରେ ଗୀତାଞ୍ଜଳି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭାସ୍କର ଓ ତାଙ୍କ ପରିବାର ଲୋକ ମାରପିଟ କରିବାରୁ ସେମାନେ ପାଲଟା ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷ ଲୋକେ ଆହତ ହୋଇଥିଲେ। ଏ ନେଇ ଉଭୟ ଗୀତାଞ୍ଜଳି ଓ ଭାସ୍କରଙ୍କ ପକ୍ଷରୁ ରଣପୁର ଥାନାରେ ପୃଥକ ଅଭିଯୋଗ ହୋଇଥିଲା। ପୋଲିସ ଦୁଇଟି ମାମଲା ରୁଜୁ କରି ଉଭୟ ପକ୍ଷରୁ ଜଣେ ଲେଖାଏ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ହେଲେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ଗୁଣିଆ ଫେରାର୍ ଥିଲେ। ବୁଧବାର ରଣପୁର ପୋଲିସ ଗୁଣିଆ ହରଷଙ୍କୁ ତାଙ୍କ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ହୋଇଥିବା ଗୁଣିଆ।

### ଜିଆର୍‌ଏସ୍‌ଙ୍କୁ ଆକ୍ରମଣ: ଜଣେ ଗିରଫ

**ପୁରୀ ଅଫିସ, ୨୬।୬**

ପୁରୀ ସଦର ବ୍ଲକ ବାସୁଦେବପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଅକ୍ଷୟ କୁମାର ପରିଡ଼ାଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଡିଣ୍ଟିକେରା ଗ୍ରାମର ଭୋଳାନାଥ ପ୍ରଧାନ। ଅକ୍ଷୟ ରାଜସ୍ୱ ନିରୀକ୍ଷକ ଜ୍ୟୋତିରଞ୍ଜନ ବେହେରାଙ୍କ ସହ ବାତ୍ୟା ଘରଭଙ୍ଗା ତାଲିକା ପ୍ରସ୍ତୁତି ନେଇ ବାସୁଦେବପୁର ପଞ୍ଚାୟତରେ ନିୟୋଜିତ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଭୋଳାନାଥ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକାକୁ ନେଇ ଗଣ୍ଡଗୋଳ କରିଥିଲେ। ଅକ୍ଷୟଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ ସରକାରୀ କାଗଜପତ୍ର ଓ ୪ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

# ଜାଲ୍ ରାଶନକାର୍ଡକୁ ନେଇ ଡିଲର ନିଲମ୍ବିତ

## ଯାଞ୍ଚ ହେଲେ ଫିଟିବ ଜିଲାବ୍ୟାପୀ ଦୁର୍ନୀତିର ଗୁମର

**ପୁରୀ ଅଫିସ/ଗୋପ, (ଡି.ଏନ.ଏ.)୨୬।୬**

ଜାଲ୍ ରାଶନକାର୍ଡକୁ ନେଇ ପୁରୀ ଜିଲା ଗୋପ ବ୍ଲକ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଜଣେ ଡିଲରଙ୍କୁ ବୁଧବାର ଉପଜିଲାପାଳ ଭବତାରଣ ସାହୁ ନିଲମ୍ବିତ କରିଛନ୍ତି। ବାତ୍ୟାରେ ସରକାରୀ ସହାୟତା ବଣ୍ଟନ ହେବା ପରେ ଏହି ଜାଲ୍ ରାଶନକାର୍ଡ କଥା ପଦାକୁ ଆସିଥିଲା। ବର୍ଷ ବର୍ଷ ଧରି ଜାଲ୍ ରାଶନକାର୍ଡରେ ଖାଉଟି ସାମଗ୍ରୀ ଉଠାଉଥିବା ଅଭିଯୋଗରେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ନୀଳକଣ୍ଠେଶ୍ୱର ଗ୍ରାମ୍ୟ ଉନ୍ନୟନ ସମିତି ସମ୍ପାଦକ ଡିଲର କାଳୁରାମ ଜେନାଙ୍କୁ ନିଲମ୍ବିତ କରାଯାଇଛି। ଗୋପ ବିଡିଓଙ୍କ ରିପୋର୍ଟ ଆଧାରରେ ଏହି ତ୍ୱରିତ ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ ଜିଲାର ସବୁ ବ୍ଲକର ଡିଲରଙ୍କ କାଗଜପତ୍ର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ଜିଲାପାଳ ବଲୱନ୍ତ ସିଂ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚ ହେଲେ ଜିଲାବ୍ୟାପୀ ରାଶନକାର୍ଡ ଦୁର୍ନୀତିର ଗୁମର ଫିଟିବ ବୋଲି କୁହାଯାଉଛି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାତ୍ୟା ବିପନ୍ନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କରିଥିଲେ। ପ୍ରଥମେ ରାଶନକାର୍ଡଧାରୀ ଏବଂ ପରେ ଅଣରାଶନକାର୍ଡଧାରୀଙ୍କୁ ଟଙ୍କା ଓ ଚାଉଳ ବଣ୍ଟନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବ୍ଲକ ଓ ପଞ୍ଚାୟତସ୍ତରରେ ରାଶନକାର୍ଡ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯିବା ସହ ସେହି ଅନୁଯାୟୀ ସହାୟତା ରାଶି ବଣ୍ଟନ କରାଯାଇଥିଲା। ତେବେ ଟଙ୍କା ବଣ୍ଟନ ପରେ କେତେକ ପଞ୍ଚାୟତରେ ଟଙ୍କା ବଳିଯାଇଥିଲା। ରାଶନକାର୍ଡରେ ନାମ ଥିଲେ ମଧ କେତେକ ହିତାଧିକାରୀ ଟଙ୍କା ନେବାକୁ ଆସି ନ ଥିଲେ। ତେଣୁ ରାଶନକାର୍ଡରେ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼ିଥିଲା। ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ଖୋଳତାଡ଼ ପରେ ୪୭ଟି ରାଶନକାର୍ଡ ଜାଲ୍ ବୋଲି ଜଣାପଡ଼ିଥିଲା। ଏହି ଅନିୟମିତତାକୁ ନେଇ ବୁଧବାର ଡିଲର କାଳୁରାମଙ୍କୁ ନିଲମ୍ବିତ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି। ରାଶନକାର୍ଡ ଜାଲ୍ ଅଭିଯୋଗ ପହଞ୍ଚିବା ପରେ ତଦନ୍ତ କରାଯାଇଥିଲା। ଗୋପ ବିଡିଓଙ୍କ ରିପୋର୍ଟକୁ ଆଧାର କରି କାଳୁରାମଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ଜିଲାର ସବୁ ଡିଲରଙ୍କ କାଗଜପତ୍ର ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଦେଓ ପ୍ରକାଶ କରିଛନ୍ତି।

ତେବେ ଗୋପ ବ୍ଲକରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜାଲ୍ ରାଶନକାର୍ଡ ରହିଥିବା ଅନୁମାନ କରାଯାଉଛି। ଏହି ଘଟଣା ଭାତହାଣ୍ଡିର ଗୋଟିଏ ଭାତ ବୋଲି କୁହାଯାଉଛି। ଜିଲାର ୧୧ଟି ବ୍ଲକରେ ଏହିପରି ଜାଲ୍ ରାଶନକାର୍ଡ ଦୁର୍ନୀତି ହୋଇଛି। ଠିକ୍ ଭାବେ ଯାଞ୍ଚ କରାଗଲେ ଏହି ଦୁର୍ନୀତିର ଗୁମର ପଦାକୁ ଆସିବ ବୋଲି କୁହାଯାଉଛି।

■ ପକ୍କାଘର ଦେବାକୁ କହି ଠକେଇ ଘଟଣା

# ସିସିଟିଭି ଆଧାରରେ ପୋଲିସର ତଦନ୍ତ

**ନୟାଗଡ଼ ଅଫିସ, ୨୬।୬**

ପକ୍କା ଘର ଦେବାକୁ କହି ଜଣେ ମହିଳାଙ୍କଠାରୁ ସୁନାଚେନ୍ ଓ ଟଙ୍କା ଠକେଇ ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସିସିଟିଭି ଫୁଟେଜରୁ ଉକ୍ତ ଯୁବକଙ୍କୁ ଦେଖି ପୋଲିସ ଅନୁସନ୍ଧାନ କରୁଛି। ଯୁବକ ଜଣଙ୍କର ପରିଚୟ ମିଳିପାରି ନ ଥିଲାବେଳେ ଥାନାରେ ୮୪/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ରଣପୁର ବ୍ଲକ ବାରଙ୍ଗଗାଡ଼ିଆ ଗ୍ରାମର ମମତା ଛୁଆଳସିଂଙ୍କ ପାଖକୁ ମଙ୍ଗଳବାର ଯୁବକ ଜଣକ ଯାଇ ତୁମ ନାମରେ ବିଜୁ ପକ୍କା ଘର ଯୋଜନାରେ କୋଠାଘର ଆସିଛି। ଘର କରିବା ପାଇଁ ତୁମକୁ ୨ ଲକ୍ଷ ୩୦ ହଜାର ଟଙ୍କା ମିଳିବ। ସେଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ କିଛି ଲାଞ୍ଚ ଦେବାକୁ ପଡ଼ିବ। ମମତା କେତେ ଟଙ୍କା ପଚାରିବାରୁ ଯୁବକ ଜଣକ ୨୦ରୁ ୩୦ ହଜାର ଟଙ୍କା ବୋଲି କହିଥିଲେ। ତାଙ୍କ ପାଖରେ ଏତେ ଟଙ୍କା ନାହିଁ ବୋଲି ମମତା କହିବାରୁ ଯୁବକ ଜଣକ ଯାହା ଟଙ୍କା ଅଛି ତା'ସହ ସୁନା ଜିନିଷ ଆଣ, ତାକୁ ବିକ୍ରି କରି ଟଙ୍କା ଦେବା ବୋଲି କହିଥିଲେ। ପରେ ମମତା ଓ ତାଙ୍କ ଝିଅ ବୁଲବୁଲି ଯୁବକଙ୍କ ବାଇକ୍‌ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଯୁବକ ଜଣକ କୌଶଳ କରି ମମତାଙ୍କଠାରୁ ୩୨୦୦ ଟଙ୍କା ଓ ଦେଢଭରି ଓଜନର ସୁନାଚେନ୍ ନେଇ ପଳାଇ ଯାଇଥିଲେ।



ସିସିଟିଭି ଫୁଟେଜରେ ଥିବା ଯୁବକ।

■ ସ୍ୱପ୍ନେଶ୍ୱରଦେବ ଉଚ୍ଚ ବିଦ୍ୟାଳୟର ୪୧ ତମ ବାର୍ଷିକ ଉତ୍ସବ

# ଗଭୀର ଆତ୍ମବିଶ୍ୱାସ, ଦୃଢ଼ ମନୋବଳ ସଫଳତା ଆଣିଥାଏ

**ଖଣ୍ଡପଡା, ୨୬।୬(ସ୍ୱ.ପ୍ର.)**

ଛାତ୍ରୀଛାତ୍ରମାନଙ୍କୁ ଶ୍ରେଷ୍ଠତ୍ୱ ହାସଲ କରିବାକୁ ହେଲେ ଗଭୀର ଆତ୍ମବିଶ୍ୱାସ ଓ ଦୃଢ ମନୋବଳର ଆବଶ୍ୟକତା ରହିଛି ବୋଲି ବୁଧବାର ରାକମା ସ୍ୱପ୍ନେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟର ୪୧ ତମ ପ୍ରତିଷ୍ଠା ଦିବସରେ ମତପ୍ରକାଶ ପାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ସାହୁଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମାବେଶରେ ମୁଖ୍ୟବକ୍ତା ଭାବେ ଭାପୁର ବ୍ଲକ ପୂର୍ବତନ ଅଧକ୍ଷ ଶିବ ପ୍ରସାଦ ଷଡଙ୍ଗୀ ଓ ମୁଖ୍ୟଅତିଥି ଭାବେ ନୟାଗଡ ଜିଲା ମାଧମିକ ଶିକ୍ଷକ ସଂଘ ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଉଚ୍ଚ ଆତ୍ମବିଶ୍ୱାସ ଓ ଜିଜ୍ଞାସା ବଳରେ ଆଗକୁ ଆଗେଇ ଯିବାକୁ ଛାତ୍ର ସମାଜକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ସାହୁ, ଖବରଦାତା ପ୍ରଭାକର ଶିରୋମଣି, ଶଙ୍କର୍ଷଣ ଷଡଙ୍ଗୀ, ଶ୍ରୀକାନ୍ତ ଦାସ, ଶୈଳବାଳା ରଥ, ଭରତ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ଦାସ, ପଙ୍କଜ ପରିଡା, ଭଗବାନ ସାହୁ, ନୀହାରିକା ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀ ଛାତ୍ରମାନେ ଭବିଷ୍ୟତରେ କିପରି ଉତ୍ତମ ନାଗରିକ ଭାବରେ ନିଜକୁ ଗଢି ତୋଳିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ





ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜକିଶୋର ପଣ୍ଡାଙ୍କୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କ ଶିକ୍ଷା ପ୍ରଦାନର ଶୈଳୀ, ଛାତ୍ର ବତ୍ସଳତା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଅତିଥିମାନେ ଗୁଣଗାନ କରିଥିଲେ । ବିଶେଷ କରି ବିଦ୍ୟାଳୟ ପ୍ରତି ତାଙ୍କର ଶ୍ରଦ୍ଧା, ଛାତ୍ର ବତ୍ସଳତା ପ୍ରତି ସମସ୍ତଙ୍କର ମୁଣ୍ଡ ନଇଁ ଯାଇଥାଏ ବୋଲି ଛାତ୍ରୀ ରେଶମା ସାହୁ ଓ କଳ୍ପନା ବେହେରା ବକ୍ତବ୍ୟରେ ଦର୍ଶାଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତାମାନେ ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରିଥିଲେ । ସହକାରୀ ଶିକ୍ଷକ ଗିରିଶ କୁମାର ମାର୍ଥା ଧନ୍ୟବାଦ ଦେଇଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁନ, ୨୦୧୯



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ



## ସଂକ୍ଷେପରେ

### ନୂଆଗାଁରୁ ଅପହୃତା ନାବାଳିକା ଚେନ୍ନାଇରୁ ଉଦ୍ଧାର

ନୂଆଗାଁ, ୨୬।୬(ଡି.ଏନ.ଏ.): ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରୁ ଏକ ମାସ ତଳେ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ନୂଆଗାଁ ଥାନା ପୋଲିସ ମଙ୍ଗଳବାର ଚେନ୍ନାଇ ତିରୁମଙ୍ଗଲମ୍ ଅଞ୍ଚଳରୁ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ନୂଆଗାଁ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ମେ ୨୧ ତାରିଖ ରାତି ଗୋଟାଏରେ ଘରୁ ନିଖୋଜ ହୋଇଥିବା ନେଇ ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଝିଅକୁ ଦଶପଲା ଥାନା ତେନ୍ତୁଳିଆପଲି ଗ୍ରାମର ବୁଲୁ ନାୟକ ଓ ବୁଲୁଙ୍କ ମାମୁ ପୁଅ ଚଗଲା ନାୟକ ମିଶି ଅପହରଣ କରି ନେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ନୂଆଗାଁ ଥାନାରେ ନଂ ୪୦/୧୯ରେ ମାମଲା ରୁଜୁ କରି ଆଇଆଇସି ମନୋରମା ମଲିକ ଏହାର ତଦନ୍ତ ଚଳାଇଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ପରେ ତାଙ୍କ ବୟାନ ଅନୁଯାୟୀ ବୁଲୁ ନାୟକ ତାଙ୍କୁ ବଳପୂର୍ବକ ଚେନ୍ନାଇ ନେଇଯାଇଥିଲେ। ସେଠାରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ଦିନେ ବୁଲୁ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଚେନ୍ନାଇରେ ରହୁଥିବା ଘର ମାଲିକଙ୍କ ଜରିଆରେ ନାବାଳିକା ପୋଲିସକୁ ଜଣାଇଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ନୂଆଗାଁ ଥାନାକୁ ଖବର ଦେଇଥିଲା। ନୂଆଗାଁ ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଏଠାରେ ଡାକ୍ତରୀମାଇନା କରିଥିବା ଆଇଆଇସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳି ନାହିଁ।

### ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ



ବୋଲଗଡ଼, ୨୬।୬(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ/ଶିକ୍ଷକ ଏକ ଶୋଭାଯାତ୍ରାରେ ବାହାରି ନିଶା ନିବାରଣ ପାଇଁ ସଚେତନତା କରିଥିଲେ। ଏହି ଅବସରରେ ନିଶା ନିବାରଣ ସମ୍ପର୍କୀତ ଏକ ତର୍କସଭାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ସିଆର୍‌ସିସି ରତ୍ନପ୍ରଭା ସାହୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର ନିଶା ସେବନର କୁପରିଣାମ ଉପରେ ବକ୍ତବ୍ୟ ରଖିଥିବାବେଳେ ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଦେଇଥିଲେ।

## ମରାମତି ହେଲାନି ଶ୍ରେଣୀଗୃହ
# ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

ଗଣିଆ, ୨୬।୬(ଡି.ଏନ.ଏ.)

ଫନୀ ବାତ୍ୟାକୁ ଦେଢମାସ ବିତିଲା। ହେଲେ ମରାମତି ହେଲାନି ଭାଙ୍ଗିଯାଇଥିବା ଶ୍ରେଣୀଗୃହ। ଚଳିତ ମାସ ୨୧ ତାରିଖରୁ ଚଳିତ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏଭଳି ବ୍ୟତିକ୍ରମ ଗଣିଆ ବ୍ଲକ ଛାମୁଣ୍ଡିଆ କୁଞ୍ଜବିହାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ବିଦ୍ୟାଳୟ ଖୋଲିବା ପୂର୍ବରୁ କ୍ଷତିଗ୍ରସ୍ତ ଶ୍ରେଣୀଗୃହଗୁଡ଼ିକୁ ମରାମତି ନିମିତ୍ତ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମହଲରେ ବାରମ୍ବାର ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ସ୍କୁଲ ଖୋଲିବା ପରେ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ଅବ୍ୟବସ୍ଥା ମଧ୍ୟରେ ପାଠ ପଢୁଥିବା ଦେଖାଯାଇଛି।

ପ୍ରକାଶ ଯେ,ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତ ଶିକ୍ଷା ବର୍ଷରେ ୨୪୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରଥମ ଶ୍ରେଣୀରେ ୨୯, ଦ୍ୱିତୀୟରେ ୨୫, ତୃତୀୟରେ ୩୦, ଚତୁର୍ଥରେ ୨୭, ପଞ୍ଚମରେ ୨୬, ଷଷ୍ଠରେ ୩୬, ସପ୍ତମରେ ୩୮ ଓ ଅଷ୍ଟମ ଶ୍ରେଣୀରେ ୩୦ ଛାତ୍ରୀଛାତ୍ର ଅଛନ୍ତି। ୧୯୧୭ ମସିହା ପୂର୍ବରୁ ନିର୍ମିତ ଏହି ବିଦ୍ୟାଳୟ ଗଣିଆ ବ୍ଲକର ଏକ ପୁରାତନ ବିଦ୍ୟାଳୟ ଭାବେ ପରିଚିତ। ଏହି ବିଦ୍ୟାଳୟର ଅଧିକାଂଶ ଶ୍ରେଣୀଗୃହ ମାଟିପେଚ, ଇଟା ଓ ଆଜବେଷ୍ଟସ୍ ଛପରରେ ନିର୍ମିତ। ଦୀର୍ଘଦିନ ଧରି ମରାମତି ଅଭାବରୁ ଶ୍ରେଣୀଗୃହ କାନ୍ଥଗୁଡିକ ଫାଟି ବିପଦସଙ୍କୁଳ ଭାବେ ରହିଛି। ସେହିପରି ଶ୍ରେଣୀଗୃହ ନିର୍ମାଣ ଆରମ୍ଭରୁ ବ୍ୟବହୃତ କାଠଗୁଡିକ ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। କେତେକ ପୁରାତନ ଶ୍ରେଣୀଗୃହ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ତେବେ ପାଠ ପଢୁଥିବା କୋମଳମତି ଛାତ୍ରୀଛାତ୍ରଙ୍କ ପାଇଁ ଏହା କେତେବେଳେ ଯେ ଅପ୍ରତ୍ୟାଶିତ ଭାବେ ବିପଦକୁ ଡାକିଆଣିବ ତାହାକୁ ଏଡାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷେ ଏହି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲାଯାଇଥିଲେ ମଧ୍ୟ ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଫଳରେ ଏହି ଶ୍ରେଣୀର ଛାତ୍ରୀଛାତ୍ରମାନେ ପାଠପଢିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ବାରଣ୍ଡାରେ ଛାତ୍ରୀଛାତ୍ର ପାଠ ପଢିବା ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଖୁବ୍ ଶୀଘ୍ର ଶ୍ରେଣୀଗୃହଗୁଡ଼ିକର ମରାମତି କିମ୍ବା ନୂତନ ଶ୍ରେଣୀଗୃହ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ନ ଛାଡିବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉଲ୍ଲାସ ମାଝି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରୁ ବିଦ୍ୟାଳୟର କ୍ଷୟକ୍ଷତି ସମ୍ପର୍କରେ ବ୍ଲକ ପ୍ରଶାସନ, ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନୁଦାନ ମିଳିଲେ ମରାମତି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଫନୀ ପ୍ରଭାବରେ ଶ୍ରେଣୀଗୃହର ଆଜବେଷ୍ଟସ ଉଡିଯାଇଛି।



ବାରଣ୍ଡାରେ ବସି ଛାତ୍ରୀଛାତ୍ର ପାଠପଢୁଛନ୍ତି।

## ଅପହରଣ ପରେ ଯୁବକଙ୍କୁ ପିଟିଲେ
# ୮ ଦିନ ପରେ ବି ପୋଲିସ ହାତ ଖାଲି

ନୟାଗଡ଼ ଅଫିସ, ୨୬।୬

ଇଟାମାଟି ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ କରି ମାଡ଼ ମାରିଲେ। ପରେ ଅଚେତ ଅବସ୍ଥାରେ ଛାଡି ଚାଲିଗଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୁବକଙ୍କ ଚିକିତ୍ସା କରାଗଲା। ପରିବାର ଲୋକଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ତେବେ ଘଟଣାର ୮ଦିନ ପରେ ବି ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ସେମାନେ ଫେରାର ଥିବାରୁ ଗିରଫ କରାଯାଇପାରି ନ ଥିବା ପୋଲିସ କହିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଇଟାମାଟି ବଡ଼ଟାଙ୍ଗିପାଟଣା ସାହିର ମନୋଜ କୁମାର ସାହୁ ତେଜରାତି ଦୋକାନ କରିଛନ୍ତି। ଗତ ୧୭ ତାରିଖ ରାତି ୧୦ଟା ୩୦ ମିନିଟରେ ସେ ଦୋକାନ ବନ୍ଦ କରୁଥିବା ସମୟରେ ଇଟାମାଟି ପାଇକସାହିର ବନି ପ୍ରଧାନଙ୍କ ସମେତ ୫ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। କୌଣସି କଥାବାର୍ତ୍ତା ନ କରି ବନି ମନୋଜଙ୍କୁ ବାଡ଼େଇବା ସହିତ ବାଇକ୍‌ରେ ବସିବାକୁ କହିଥିଲେ। ବାଧ ହୋଇ ମନୋଜ ବାଇକ୍ ପଛପଟେ ବସିଥିଲେ। ପରେ ସେମାନେ ବାଇକ୍ ଧରି ବଡ଼ପଣ୍ଡୁସର ପୋଲ ପାର୍ଶ୍ୱଦେଇ ସୁନାଲଟି ରାସ୍ତାରେ ଯାଇଥିଲେ। କିଛିବାଟ ଯିବା ପରେ ଏକ ନିଛାଟିଆ ରାସ୍ତାରେ ବାଇକ୍ ରଖିଥିଲେ। ସେଠାରେ ପୂର୍ବରୁ ଅପେକ୍ଷା କରିଥିବା ଦୁଇଜଣ ଯୁବକ ଠେଙ୍ଗାରେ ମନୋଜଙ୍କୁ ପିଟିଥିଲେ। ଗୁରୁତର ଅବସ୍ଥାରେ ସେମାନେ ଏକ ବୁଦାମୂଳେ ତାଙ୍କୁ ପକାଇଦେଇ ଚାଲିଯାଇଥିଲେ। ଏଣେ ମନୋଜ ଘରକୁ ଫେରି ନ ଥିବା ନେଇ ବାପା ପୂର୍ଣ୍ଣଚନ୍ଦ୍ର ସାହୁ ଇଟାମାଟି ଥାନାରେ ଜଣାଇଥିଲେ। ପରେ ପୋଲିସ ଓ ପୂର୍ଣ୍ଣଚନ୍ଦ୍ର କିଛି ବ୍ୟକ୍ତିଙ୍କୁ ଧରି ଖୋଜାଖୋଜି କରିଥିଲେ। ରାତି ୨ଟା ୩୦ରେ ସୁନାଲଟି ରାସ୍ତାରେ ମନୋଜ ପଡ଼ିଥିବା ଦେଖି ସେମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ୨ଦିନ ଧରି ଚିକିତ୍ସିତ ହେବା ପରେ ମନୋଜ ସୁସ୍ଥ ହୋଇଥିଲେ। ୧୮ ତାରିଖରେ ମନୋଜଙ୍କ ବାପା ପୂର୍ଣ୍ଣଚନ୍ଦ୍ର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାରରେ ପୋଲିସ ବନି, ପିଣ୍ଟୁ, କାଳିଆ, ତପୁ, ମାଙ୍କଡା ଓ ଅନ୍ୟ ୨ଜଣଙ୍କ ନାମରେ ମାମଲା (ନଂ.୯୦/୧୯) ରୁଜୁ କରିଛି। ଇତିମଧ୍ୟରେ ୮ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ତେଣୁ ତାଙ୍କ ପରିବାର ଭୟରେ ଥିବା ପୂର୍ଣ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ପୂର୍ଣ୍ଣଚନ୍ଦ୍ରଙ୍କ ଜଣେ ସମ୍ପର୍କୀୟ ପାଇକସାହିରେ ରହନ୍ତି। ଉକ୍ତ ସମ୍ପର୍କୀୟଙ୍କ ଘରକୁ ନ ଯିବା ପାଇଁ ବନି ବିଭିନ୍ନ ସମୟରେ ମନୋଜଙ୍କୁ କହିଆସୁଥିଲେ। ଏହାକୁ ନ ମାନିବାରୁ ମନୋଜଙ୍କୁ ଆକ୍ରମଣ କରାଯାଇଥିବା ଆଲୋଚନା ହେଉଛି। ୭ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ସମସ୍ତେ ଫେରାର ଥିବା ଇଟାମାଟି ପୋଲିସ ସୂଚନା ଦେଇଛି।



ଆହତ ମନୋଜ।

### ଲକ୍ଷାଧିକ ଟଙ୍କାର ଶାଗୁଆନ, ଜାମୁ ପଟା ଜବତ

ଓଡ଼ଗାଁ, ୨୬।୬(ସ୍ୱ.ପ୍ର.)

ନୟାଗଡ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଖୋଲା ସେକ୍ସନ ଅନ୍ତର୍ଗତ ସୁନାମୁହିଁ ଗ୍ରାମରେ ବନ ବିଭାଗ ବୁଧବାର ଚଢାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଗୁଆନ ଓ ଜାମୁ ପଟା ଜବତ କରିଛି। ଗ୍ରାମର ଦେବରାଜ ମହାରଣାଙ୍କ ବାରିପଟ ଆଜବେଷ୍ଟସ୍ ଘରେ ବହୁ ପରିମାଣର ମୂଲ୍ୟବାନ ପଟା ରହିଥିବା ବିଭାଗୀୟ ଅଧିକାରୀଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ ଧନଧାର୍ ଧନରାଜ୍ ହନୁମନ୍ତଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ଓ ବନପାଳ ସରିତା ବରାଳ ବନ କର୍ମଚାରୀ ଓ ପ୍ରୋଟେକ୍ସନ ସ୍କ୍ୱାଡ୍ ସହିତ ଉକ୍ତ ବ୍ୟକ୍ତିଙ୍କ ଘରେ ଚଢାଉ କରି ସମସ୍ତ ପଟା ଜବତ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜବତ ପଟାଗୁଡିକର ମାପଚୁପ ଚାଲିଥିବା ବେଳେ ୧୧୪ ଶାଗୁଆନ ଓ ୨୦ ଖଣ୍ଡ ଜାମୁ ଏହିପରି ସମୁଦାୟ ୧୩୪ ଖଣ୍ଡ ପଟା ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଚଢାଉ ସମ୍ପର୍କରେ ଖବର ପାଇ ଦେବରାଜ ଫେରାର ହୋଇଯାଇଥିବା ବେଳେ ତାଙ୍କ ବିରୋଧରେ ଏକ ମକଦ୍ଦମା ରୁଜୁ ହୋଇଥିବା ଜଣାଯାଇଛି। ବିଭାଗୀୟ ଅଧିକାରୀଙ୍କ ସହିତ ବନରକ୍ଷୀ ଅରବିନ୍ଦ ସାହୁ, ଶୁଭେନ୍ଦୁ ପ୍ରସାଦ ନାୟକ ଚଢାଉରେ ସାମିଲ ହୋଇଥିଲେ।



# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୋଲଗଡ଼, ୨୬।୬(ଡି.ଏନ.ଏ.)

ବୋଲଗଡ଼ ଥାନା ଅନ୍ତର୍ଗତ ଡାବରଧୁଆ ଗ୍ରାମସ୍ଥିତ ଏକ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଉଛନ୍ତି ଉକ୍ତ ଗ୍ରାମର ନୃସିଂହ ଚୌଧୁରୀଙ୍କ ସ୍ତ୍ରୀ ହେମଲତା(୫୮)। ଘଟଣାରୁ ପ୍ରକାଶ, ହେମଲତା ଗାଧୋଇବାକୁ ଯାଇଥିବାବେଳେ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିଥିଲେ। ଖୋଜାଖୋଜି କରିବା ପରେ ତାଙ୍କୁ ପୋଖରୀ ଜଳରେ ଭାସୁଥିବାର ଦେଖି ଲୋକେ ବୋଲଗଡ଼ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ କର୍ମଚାରୀମାନେ ଉଦ୍ଧାର କଲାବେଳକୁ ହେମଲତାଙ୍କ ମୃତ୍ୟୁ ହୋଇଯାଇଥିଲା।

## ବାଲ୍ୟବିବାହ ନିଷେଧ ଆଇନ ଉପରେ ବୈଠକ
# ପ୍ରତିହତ ପାଇଁ ମିଳିତ ପ୍ରଚେଷ୍ଟା ଆବଶ୍ୟକ

ନୟାଗଡ଼ ଅଫିସ, ୨୬।୬

ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ର ସଫଳ କାର୍ଯ୍ୟାନ୍ୱୟନ ଉପରେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ହୋଇଥିବା ବୈଠକରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ଏକ ସାମାଜିକ ପ୍ରଥା ଏବଂ ଏହାକୁ ପ୍ରତିହତ କରିବା ପାଇଁ ସମସ୍ତ ବିଭାଗର ମିଳିତ ପ୍ରଚେଷ୍ଟା ରହିବା ଆବଶ୍ୟକ। ସମାଜରେ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ସଚେତନତା ତଥା ଗଣଅଭିଯାନ ମାଧ୍ୟମରେ ବନ୍ଦ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ଅତିଥିଭାବେ ଯୋଗଦେଇ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ ସେ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ବିଭାଗର ପ୍ରତିନିଧି, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ, ୟୁନିସେଫ୍ ସହାୟତାରେ ଆକ୍ସନ ଏଡ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଏପଟେ ବୈଠକ ସେପଟେ ବାଲ୍ୟ ବିବାହ
## ବରକୁ ୩୮ କନ୍ୟାକୁ ୧୪ ବର୍ଷ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

ନୟାଗଡ଼ ଅଫିସ, ୨୬।୬

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ବାଲ୍ୟ ବିବାହ ଉପରେ ବୈଠକ ଚାଲୁଥିବାବେଳେ ଅପରାହ୍ନରେ ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତର ଏକ ଗ୍ରାମରେ ବାଲ୍ୟ ବିବାହ ଘଟଣା ଦେଖିବାକୁ ମିଳିଥିଲା। ବାଲ୍ୟ ବିବାହ ହେଉଥିବା ଖବର ପାଇ ନୟାଗଡ଼ ଚାଇଲ୍ଡ ଲାଇନ୍‌ର ସଦସ୍ୟ ଓ ଫତେଗଡ ପୋଲିସ ନାବାଳିକାଙ୍କ ଘରେ ପହଞ୍ଚି ଏହାକୁ ବନ୍ଦ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ବର ସାଜିଥିବା ଯୁବକ ଜଣେ ସରପଞ୍ଚଙ୍କ ଭାଇ ହୋଇଥିବାବେଳେ ତାଙ୍କ ବୟସ ୩୮ ଓ କନ୍ୟାଙ୍କୁ ମାତ୍ର ୧୪ ବର୍ଷ। ଉକ୍ତ ଗ୍ରାମରେ ବିବାହ ପାଇଁ ମଙ୍ଗଳବାର ମଙ୍ଗନ କାର୍ଯ୍ୟ ସରିଥିବା ବେଳେ ବୁଧବାର ବିବାହ ହୋଇଥାନ୍ତା। ସୂଚନାଯୋଗ୍ୟ ସରପଞ୍ଚମାନେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ। ସରପଞ୍ଚ ବାଲ୍ୟ ବିବାହ ବିଷୟରେ ଜାଣିଥିବା ବେଳେ କିପରି ବାହାଘର କରୁଥିଲେ ତାହା ଏବେ ପ୍ରଶ୍ନବାଚୀ। ବିବାହ ବନ୍ଦ କରାଇବା ପରେ ଚାଇଲ୍ଡ ଲାଇନ ସଦସ୍ୟ ନାବାଳିକଙ୍କ ପରିବାରଠାରୁ ଅଣ୍ଡର ଟେକିଂ ଲେଖାଇ ଆଣିଥିଲେ। ଏ ନେଇ ଫତେଗଡ଼ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ସମୟରେ ଚାଇଲ୍ଡ ଲାଇନ୍ ଅଣ୍ଡରଟେକିଂ ଲେଖି ଆଣୁଥିଲେ ହେଁ ଏ ନେଇ ଥାନାରେ କୌଣସି ଏତଲା ଦିଆଯାଉ ନାହିଁ। ଫଳରେ କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି କାରଣରୁ ଜିଲାରେ ବାଲ୍ୟ ବିବାହ ଭଳି ଘଟଣା ବାରମ୍ବାର ଘଟୁଥିବା କୁହାଯାଉଛି।

## ଚିନିକଳ ଖୋଲିବା ଦାବି
# ଜୁଲାଇ ୧୬ରେ ଗଣବିକ୍ଷୋଭ

ନୟାଗଡ଼ ଅଫିସ, ୨୬।୬

**୨୪ରେ ନୟାଗଡ଼ ବନ୍ଦ**

ଦୀର୍ଘ ୫ବର୍ଷ ହେଲା ଚିନିକଳ ବନ୍ଦ ହୋଇପଡ଼ିଛି। ଏଥର ଯେମିତି ବି ହେଉ ଚିନିକଳ ଖୋଲିବା ଦରକାର। ଏଥିପାଇଁ ନୟାଗଡ଼ ଚିନିକଳ ସୁରକ୍ଷା କମିଟି ଆନ୍ଦୋଳନକୁ ଜୋରଦାର କରିବ। ଜୁଲାଇ ୧୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ କରାଯିବ। ପୁଣି ଜୁଲାଇ ୨୪ରେ ନୟାଗଡ଼ ବନ୍ଦ କରାଯିବ ବୋଲି ବୁଧବାର ଗୁଣ୍ଡିଚା ମଣ୍ଡପଠାରେ ଆୟୋଜିତ ବୈଠକରେ କମିଟି ଆବାହକ ବିଶ୍ୱନାଥ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରତି ଗ୍ରାମରୁ ଲୋକମାନେ ଆନ୍ଦୋଳନରେ ସାମିଲ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବ। ଏହା ପରେ ନୟାଗଡ଼ ଚିନିକଳଠାରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ ବୋଲି ମହାପାତ୍ର କହିଛନ୍ତି। ଚିନିକଳ ବନ୍ଦ ପଡିଥିବାରୁ ଏହାର ଯନ୍ତ୍ରାଂଶ ବିଭିନ୍ନ ସମୟରେ ଚୋରି ହେଉଛି। ସେହିଭଳି ଚିନିକଳ ବିକ୍ରି ହେବା ନେଇ ଗୁଜବ ହେବା ପରେ ଆଖୁଚାଷୀ, କର୍ମଚାରୀ ଓ ଜିଲାବାସୀ କ୍ଷୁବ୍ଧ ଅଛନ୍ତି। ଆଖୁଚାଷୀ ଓ କର୍ମଚାରୀଙ୍କର କୋଟି କୋଟି ଟଙ୍କା ବାକି ରଖି କମ୍ପାନୀ ମାଲିକ ନିର୍ଭୟରେ ରାଜଧାନୀରେ ବୁଲିବା, ଚିନିକଳ ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ଓ କେନ୍ଦ୍ର ସରକାର କାନ୍ଧରୁ ଦାୟିତ୍ୱ ଖସାଇବା ଓ ଶିଳ୍ପଶୂନ୍ୟ ନୟାଗଡ଼ ଜିଲାରେ ଚିନିକଳ ବନ୍ଦ କରିବା ଘଟଣାକୁ ଜିଲାବାସୀ ସହ୍ୟ କରିପାରିବେ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି। କମିଟି ଆବାହକ ବିଶ୍ୱନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟ ମନୋଜ କୁମାର ସାହୁ, ସନ୍ତୋଷ ପ୍ରଧାନ, ଜନାର୍ଦ୍ଦନ ଦଳବେହେରା, ଗୋଲକ ବିହାରୀ ମୁଦୁଲି, ଯୋଗେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଚିନିକଳ ଚାଲୁ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରଖିବେ ବୋଲି ଶପଥ ନେଇଥିଲେ।

# ସାଇଜ ଶାଳ କାଠ ବୋଝେଇ ଗାଡ଼ି ଜବତ

ରଣପୁର, ୨୬।୬(ସ୍ୱ.ପ୍ର.)

ରଣପୁର ବନବିଭାଗ କର୍ମଚାରୀମାନେ ମଙ୍ଗଳବାର ରାତିରେ ବାହାରକୁ ଚାଲାଣ ହେଉଥିବା ଏକ ସାଇଜ ଶାଳ କାଠ ବୋଝେଇ ଗାଡିକୁ ଜବତ କରିଛନ୍ତି। ତେବେ ସମ୍ପୃକ୍ତ କାଠଚୋରମାନେ ଗାଡ଼ି ଛାଡି ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଗିରଫ କରାଯାଇ ପାରି ନାହିଁ। ଜବତ କାଠର ମୂଲ୍ୟ ୮୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ବନଖଣ୍ଡ ଅଧୀନରେ ଥିବା ରଣପୁର ବନ ବିଭାଗର ମାଳ ସଂରକ୍ଷିତ ଜଙ୍ଗଲରେ କାଠ ଚୋରମାନେ ମୂଲ୍ୟବାନ ଗଛଗୁଡିକୁ କାଟି ବେଆଇନ ଭାବେ ବାହାରକୁ ଚାଲାଣ କରୁଛନ୍ତି। ଏ ନେଇ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢାଉ କରି ମାମଲା ରୁଜୁ କରାଯାଉଥିଲେ ମଧ୍ୟ ବେଆଇନ କାଠ ଚୋରିକୁ ରୋକାଯାଇ ପାରୁନାହିଁ। ମଙ୍ଗଳବାର ରାତ୍ରିରେ ଜଙ୍ଗଲରୁ ଶାଳ ଗଛକୁ କଟାଯାଇ ସେଗୁଡିକୁ ସାଇଜ କରି ଗାଡି ସାହାଯ୍ୟରେ ବାହାରକୁ ଚାଲାଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ରଣପୁର ବନ ଅଧିକାରୀ ଶରତ କୁମାର ଶତପଥୀ ସଦଳବଳ ସୁନାଖଳା ରଣପୁର ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ମଧ୍ୟ ରାତ୍ରିରେ ଏକ ଟାଟା ଗାଡି ନମ୍ବର ଓଡି୦୨ ଏମ ୦୧୭୧ ଦ୍ରୁତଗତିରେ ରଣପୁର ଅଭିମୁଖେ ଆସୁଥିଲା। ମାତ୍ର ବନବିଭାଗର କର୍ମଚାରୀଙ୍କୁ ଦେଖି କାଠ ବୋଝେଇ ଗାଡିଟି ରଣପୁର ନିକଟସ୍ଥ ଚମ୍ପତିପୁର ଗ୍ରାମ ରାସ୍ତାରେ ପଳାଇବାକୁ ଚେଷ୍ଟା କରୁଥିଲା ବେଳେ ହଠାତ ଆଗରୁ ଆସୁଥିବା ଏକ ଟ୍ରକ କାଠ ଗାଡି ଆଗରେ ରହି ଯାଇଥିଲା। ଫଳରେ କାଠଗାଡିଟି ଆଉ ଆଗକୁ ଯାଇ ପାରି ନ ଥିଲା। ପିଛା କରୁଥିବା ବନବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚିଲା ବେଳକୁ ଗାଡିରେ ଥିବା କାଠ ଚୋର ଓ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ବନ ଅଧିକାରୀ ଉକ୍ତ କାଠଗାଡିକୁ ସେଠାରୁ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।



ଜବତ କାଠ।

## ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ
# ଶିକ୍ଷିତ ଲୋକେ ଅଧିକ ନିଶା ଖାଉଛନ୍ତି

ନୟାଗଡ଼ ଅଫିସ, ୨୬।୬

ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ପଠାଣିସାମନ୍ତ ସଂସ୍କୃତି ଭବନ ପରିସରରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଡା.ଏନ୍ ତିରୁମାଲା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଆମ ମନରେ ଧାରଣା ଥିଲା କେବଳ ଅଶିକ୍ଷିତ ଲୋକମାନେ ନିଶା ସେବନ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଅଶିକ୍ଷିତଙ୍କଠାରୁ ଶିକ୍ଷିତ ଲୋକମାନେ ଅଧିକ ନିଶାସେବନ କରୁଛନ୍ତି, ଯାହା ସମାଜ ପାଇଁ ବିପଦ। ଜିଲାରେ ନିଶା ସେବନଠାରୁ ଦୂରେଇବା ପାଇଁ ସେବା ନାମରେ ଏକ ନିଶା ନିବାରଣ କେନ୍ଦ୍ର ରହିଛି। ସେଠାରେ ଆସିବା ପାଇଁ ଜିଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନୟାଗଡ଼ ସଞ୍ଚାଳିକା ମିନି ଭଉଣୀ, ସଞ୍ଚାଳକ ଡ. ପ୍ରମୋଦ ଭାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଶା କିପରି ନିବାରଣ କରାଯାଇପାରିବ ସେ ଉପରେ ବକ୍ତବ୍ୟ ରଖିଥିଲେ। ନିଶା ସେବନରୁ ଦୂରେଇ ରହିଲେ ମଣିଷ କିପରି ସୁସ୍ଥ ଜୀବନ ବିତାଇବା ସହ ମାନସିକ ଶାନ୍ତି ପାଇପାରିବ ସେ ବିଷୟରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସେବା କେନ୍ଦ୍ରରେ ରହି ନିଶା ଛାଡ଼ିଥିବା ୮ଜଣ ବ୍ୟକ୍ତିଙ୍କୁ ଜିଲାପାଳ ବିଭିନ୍ନ କଥା ପଚାରି ବୁଝିବା ସହ ପୁରସ୍କାର ପ୍ରଦାନ କରିଥିଲେ। ସକାଳେ ଏକ ଶୋଭାଯାତ୍ରା ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ବାହାରି ପଠାଣି ସାମନ୍ତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବୈଠକ ପରେ ନିଶା ନିବାରଣ ଉପରେ ଦାଶକାଠିଆ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।